# ଉନ୍ନତ ନୈତିକମାନ ଓ ସଠିକ ରାସ୍ତାରେ ଲଢ଼େଇ ପ୍ରୟୋଜନ

ଶିବଦାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)
**SUCI(C)**

# ଉନ୍ନତ ନୈତିକମାନ ଓ ସଠିକ ରାସ୍ତାରେ ଲଢ଼େଇ ପ୍ରୟୋଜନ

## —— ଶିବଦାସ ଘୋଷ

ପ୍ରଥମ ମୁଦ୍ରଣ: ୯ ଅକ୍ଟୋବର ୨୦୨୪

**ପ୍ରକାଶକ:** ବିଷ୍ଣୁ ଦାସ
ସଂପାଦକମଣ୍ଡଳୀ ସଦସ୍ୟ
ଏସ୍.ୟୁ.ସି.ଆଇ.(ସି), ଓଡିଶା ରାଜ୍ୟ କମିଟି
୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ -୩
ଶିଶୁପାଳଗଡ, ଭୁବନେଶ୍ୱର-୨
ଫୋନ୍- ୯୪୩୮୦୩୩୯୩୫
୯୪୩୭୩୮୨୦୨୧

**ମୁଦ୍ରଣ:** ପାୟୋନିୟର ପ୍ରେସ,
ଭୁବନେଶ୍ୱର

**ମୂଲ୍ୟ :** **୧୦ଟଙ୍କା**

# ପ୍ରକାଶକଙ୍କ କଥା

୧୯୭୪ ମସିହା, ଜାନୁୟାରୀ ୧୨ ଓ ୧୩ ତାରିଖ ଦୁଇଦିନ ଧରି କଟକ ଠାରେ ଏଆଇଡିଏସ୍‌ଓ (ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ) ଉଦ୍ୟୋଗରେ ସର୍ବଭାରତୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୧୨ ତାରିଖ ଦିନ ଗୋପବନ୍ଧୁ ବାଗରେ ଅନୁଷ୍ଠିତ ପ୍ରକାଶ୍ୟ ଜନସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବଶିଷ୍ଟ ମାନବତାବାଦୀ ବ୍ୟକ୍ତିତ୍ୱ ବରେଣ୍ୟ ନବକୃଷ୍ଣ ଚୌଧୁରୀ। ସଭାପତିତ୍ୱ କରିଥିଲେ ବିଶିଷ୍ଟ ଜନନେତା ଏସୟୁସିଆଇ(କମ୍ୟୁନିଷ୍ଟ)ର ତତ୍କାଳୀନ ପଲିଟିବ୍ୟୁରୋ ସଭ୍ୟ ତଥା ୧୯୬୭ ମସିହାରେ ପଶ୍ଚିମବଙ୍ଗର ଯୁକ୍ତ ଫ୍ରଣ୍ଟ ସରକାରର ଶ୍ରମମନ୍ତ୍ରୀ କମ୍ରେଡ ସୁବୋଧ ବାନାର୍ଜୀ।

କମ୍ରେଡ ଶିବଦାସ ଘୋଷ ତତ୍କାଳୀନ ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ଦେଇଥିବା ଏହି ଦୀକ୍ଷାନ୍ତ ବକ୍ତବ୍ୟରେ ସମାଜର ମୌଳିକ ସମସ୍ୟାବଳୀକୁ ଅତି ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ସଠିକ ଆଦର୍ଶ, ନୀତି ଓ ଲଢେଇର ରାସ୍ତା ନିର୍ଣ୍ଣୟ କରିବା, ସମାଜ ଜୀବନ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ଜୀବନରେ ସଂକଟର ମୂଳ କାରଣ କଣ – ଏହିସବୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଗୁଡିକର ବିଜ୍ଞାନସମ୍ମତ ବିଶ୍ଲେଷଣ ମଧ୍ୟ ଏହି ବକ୍ତବ୍ୟରେ ସେ ଉପସ୍ଥାପନ କରିଥିଲେ। ସେହି ମୂଲ୍ୟବାନ ବକ୍ତବ୍ୟର ଓଡିଆ ଭାଷାନ୍ତର ଆମେ ପ୍ରକାଶ କରୁଛୁ।

ଅନୁବାଦ ଓ ମୁଦ୍ରଣ ଜନିତ ତ୍ରୁଟି ପାଇଁ ଆମେ ଦାୟୀ।

୯ ଅକ୍ଟୋବର ୨୦୨୪
ଭୁବନେଶ୍ୱର

**ବିଷ୍ଣୁ ଦାସ**
ଏସ୍.ୟୁ.ସି.ଆଇ(ସି)
ଓଡ଼ିଶା ରାଜ୍ୟ କମିଟି

# ଉନ୍ନତ ନୈତିକମାନ ଓ ସଠିକ ରାସ୍ତାରେ ଲଢ଼େଇ ପ୍ରୟୋଜନ

ଏଆଇଡିଏସ୍‌ଓର ଏହି ସମ୍ମିଳନୀ ଭାରତବର୍ଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ରାଜନୈତିକ ପରିସ୍ଥିତି ମଧ୍ୟରେ ଅନୁଷ୍ଠିତ ହେଉଛି ବୋଲି ମୁଁ ମନେକରେ। ଦେଶ ସମ୍ମୁଖରେ ବହୁ ସମସ୍ୟା ରହିଛି। ଆର୍ଥିକ ସମସ୍ୟା ଯେ କି ଭୟଙ୍କର ରୂପ ନେଇଛି, ତାହା ସାଧାରଣ ମଣିଷଭାବେ ଆପଣମାନେ ସମସ୍ତେ ଜାଣନ୍ତି। ସେହି କଥାକୁ ବଢ଼େଇ ଚଢ଼େଇ ଦୀର୍ଘ ସମୟ ଧରି କହିବାକୁ ମୁଁ ଚାହେଁ ନା। ଜିନିଷପତ୍ରର ଦାମ କିଭଳି ବଢୁଛି, ଲୋକଙ୍କର କେତେ ଦୁର୍ଗତି, ସାଧାରଣ ଲୋକଙ୍କର କି ଅବସ୍ଥା, ସେସବୁ ଆପଣମାନେ ମୋ ଠାରୁ ଭଲଭାବେ ଜାଣନ୍ତି। ଆମେ ନେତା ହୋଇ ଟିକେ ଉପରେ ଅଛୁ, ଆଉ ଅଧିକ ବା କଣ ! ଆପଣମାନେ ଯେତେ ଦୁର୍ଗତି ମଧ୍ୟରେ କାଳାତିପାତ କରନ୍ତି, ଆମେ ସେତେ ଦୁର୍ଗତି ଭୋଗ କରୁନା। ଫଳରେ ତାକୁ ବଢ଼େଇ ଚଢ଼େଇ ମୁଁ କହିବାକୁ ଚାହେଁନା। ମାତ୍ର ସମସ୍ୟା କେଉଁଠି ? ସମସ୍ୟା ରହିଛି, ସମାଧାନ ହେଉ ନାହିଁ। ଦିନ ପରେ ଦିନ ଅବସ୍ଥା ଆହୁରି ଖରାପ ହେଉଛି। କୌଣସି କିଛି କରିବା ପୂର୍ବରୁ ଯଦି ସମସ୍ୟା କେଉଁଠି, କେଉଁ ଜାଗାରେ, ଏହାର ମୂଳ କାରଣ କଣ, ତାହା ଆମେ ଧରି ନପାରୁ ଏବଂ ସମାଧାନର ରାସ୍ତା ଠିକ କରି ନପାରୁ, ତେବେ ଏହାକୁ ନେଇ ହାହୁତାଶ କଲେ ବା କେବଳ ବିକ୍ଷୋଭ ପ୍ରକାଶ କଲେ ଅଥବା କେବେ କେବେ ବିକ୍ଷୋଭରେ ରାସ୍ତାଘାଟରେ ଫାଟି ପଡିଲେ ସମସ୍ୟାର ସମାଧାନ ହେବ ନାହିଁ। ରାସ୍ତା ଭୁଲ ହେଲେ, ଦିଗ ନିର୍ଣ୍ଣୟ କରିବା ଭୁଲ ହେଲେ, କାରଣ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଭୁଲ ହେଲେ, ସମସ୍ୟାର ସମାଧାନ ହେବ ନାହିଁ। ଯେମିତି ଜଣେ ଡାକ୍ତର ଯେତେ ସତତା ଓ ନିଷ୍ଠାର ସହିତ ଚିକିତ୍ସା କରନ୍ତୁ, ରୋଗୀର ସଂକଟଜନକ ଅବସ୍ଥାରେ ରୋଗ ଚିହ୍ନଟ କରିବା କ୍ଷେତ୍ରରେ ଯଦି ଭୁଲ କରନ୍ତି, ତା'ଦ୍ୱାରା ଯେମିତି ରୋଗୀ ବଞ୍ଚେ ନାହିଁ, ରୋଗୀ ଅନିବାର୍ଯ୍ୟଭାବେ ମରିଯାଏ, ସେମିତି ସମାଜ ଜୀବନରେ ଯେଉଁ ରୋଗ, ଅର୍ଥନୈତିକ ଜୀବନକୁ କେନ୍ଦ୍ର କରି ଯେଉଁ ରୋଗ ଦେଖା ଦେଇଛି, ତା'ର ମୂଳ କାରଣ ଯଦି ଆମେ ଠିକ୍ ଠିକ୍ ଭାବେ ନିର୍ଣ୍ଣୟ କରି ନପାରୁ, ତାହେଲେ କ୍ଷୋଭରେ ଫାଟି ପଡି ଆମେ ହାତ ଗୋଡ ଛାଟି ପାରୁ, କିଛି ଲୋକ ଗୁଳି ଖାଇ ପାରନ୍ତି, ଜୀବନ କୁରବାନ କରି ପାରନ୍ତି, ମରିପାରନ୍ତି, କିନ୍ତୁ ସମସ୍ୟାର ସମାଧାନ ହେବ ନାହିଁ।

ତେଣୁ ଆପଣମାନେ ଦେଖିବେ, ଏଦେଶରେ ଲଢେଇ କମ ହୋଇନାହିଁ। ଏଦେଶର ଯୁବକମାନେ, ଛାତ୍ରମାନେ, ନଓଜୱାନମାନେ କମ ଲଢେଇ କରିନାହାନ୍ତି। ଏଦେଶର ଚାଷୀ ମୂଲିଆମାନେ କମ ରକ୍ତ ଢାଳି ନାହାନ୍ତି। କୁରବାନି ଅନେକ ହୋଇଛି, ବାରମ୍ବାର ବହୁ ଲଢେଇ ହୋଇଛି, ବହୁ ଆତ୍ମତ୍ୟାଗ ହୋଇଛି, ମାତ୍ର ଦେଶର ମୂଳ ସମସ୍ୟା ଯେଉଁଠି ଥିଲା ସେଇଠି ରହିଯାଇଛି। ବରଂ ଅବସ୍ଥା ଦିନକୁ ଦିନ ଆହୁରି ଖରାପ ହେଉଛି। କୌଣସି ପ୍ରତିକାର ହେଉ ନାହିଁ। ପରିସ୍ଥିତି ଯଦି ଏହିଭଳି ଭାବେ ଚାଲୁ ରହେ ତେବେ ପୁଣି କାଲି ଏକ ଲଢେଇ ହେବ ! ଲଢେଇ ନିଶ୍ଚିତ ହେବ। ମୁଁ ଚାହିଁଲେ ବି ହେବ, ନଚାହିଁଲେ ବି ହେବ। ନେତୃତ୍ୱ ଥାଉ ବା ନଥାଉ, ଭୁଲ ପଥରେ ହେଉ ବା ଠିକ ପଥରେ ହେଉ, ବିକ୍ଷୁବ୍ଧ ମଣିଷ ଯେତେବେଳେ ଆଉ ସହ୍ୟ କରିପାରିବ ନାହିଁ, ସେତେବେଳେ ସେ ପୁଣି ରାସ୍ତାଘାଟରେ ଲଢେଇ କରିବ। ଲଢେଇ କରିବା ପୂର୍ବରୁ ବା ରାସ୍ତାକୁ ଓହ୍ଲାଇବା ପୂର୍ବରୁ ଯଦି ରୋଗ କଣ ତାହା ବୁଝି ନଥାଉ ଏବଂ କେଉଁ ପଥରେ, କିଭଳିଭାବେ, କାହାକୁ, କେଉଁଠି, ଆଘାତ କରି ଏହି ସମସ୍ୟାର ସମାଧାନ କରିବାକୁ ହେବ ତାହା ଠିକ ଭାବେ ବୁଝି ନଥାଉ ତାହେଲେ, ତାହା ଦ୍ୱାରା କେବଳ କୁରବାନି କରିବା ସାର ହେବ, ଆତ୍ମତ୍ୟାଗ ହିଁ ସାର ହେବ, ଗୁଳି ଖାଇବା ହିଁ ସାର ହେବ, ସମସ୍ୟାର ସମାଧାନ ହେବ ନାହିଁ। ଏକ୍ଷେତ୍ରରେ ଭୁଲ କଲେ ପୁଣି ଲଢେଇ ହେବ, ପୁଣି ମଣିଷର ଜୀବନ ବିପର୍ଯ୍ୟସ୍ତ ହେବ, ପୁଣି ହତାଶା ଜନମାନସକୁ କବଳିତ କରିବ।

ଲକ୍ଷ୍ୟ କଲେ ଦେଖିବେ, ଗୋଟିଏ ଲଢ଼େଇ ଯେତେବେଳେ ଆସେ, ଗୋଟିଏ ଆନ୍ଦୋଳନ ଯେତେବେଳେ ଆସେ, ସେତେବେଳେ ଲୋକେ କୌଣସି ଯୁକ୍ତି ଶୁଣିବାକୁ ଚାହାନ୍ତି ନାହିଁ। ସେତେବେଳେ ଯଦି ଲଢ଼େଇର ରାସ୍ତା ନେଇ, ଲଢ଼େଇର ନୀତି ନେଇ, ଲଢ଼େଇର ଆଦର୍ଶ ନେଇ ବା ଲଢ଼େଇ କେଉଁ ପଥରେ ହେବ, କେଉଁ କୌଶଳରେ ହେବ, ସେ ବିଷୟରେ କୌଣସି ଚର୍ଚ୍ଚା ଆଲୋଚନା କରିବା ପାଇଁ ଚେଷ୍ଟା ହୁଏ, ପ୍ରଶ୍ନ ଉଠାଇବା ପାଇଁ ଚେଷ୍ଟା ହୁଏ, ଲଢ଼େଇ ଭୁଲ ପଥରେ ହେଉଛି ବୋଲି କହିବା ପାଇଁ ଚେଷ୍ଟା ହୁଏ, ସେତେବେଳେ ତାଙ୍କୁ ସମସ୍ତେ ମିଶି ଘେରିଯିବା ପାଇଁ ଚେଷ୍ଟା କରନ୍ତି। କୁହନ୍ତି, ବର୍ତ୍ତମାନ ଲଢେଇ ହେଉଛି, ଏବେ କୌଣସି ତତ୍ତ୍ୱ ଆଲୋଚନା ନୁହେଁ, ଏବେ ରାସ୍ତା ସଠିକ କି ବେଠିକ, ଏହା ନେଇ ଆଲୋଚନା କରିବା ଠିକ୍ ନୁହେଁ, ଲଢେଇ ମଧ୍ୟ ଦେଇ ରାସ୍ତା ଠିକ୍ ହୋଇଯିବ। ବର୍ତ୍ତମାନ ଲଢ଼େଇର ସମୟ, ଅନ୍ୟ କୌଣସି ବିଷୟ ଉପରେ ଆଲୋଚନା କରିବାର ସମୟ ନୁହେଁ। ଏହି ଯୁକ୍ତି ଦେଇ ସେମାନେ ଏସଂକ୍ରାନ୍ତୀୟ ସମସ୍ତ ଯୁକ୍ତି, ଆଳାପ-ଆଲୋଚନା, ଏପରିକି ରାସ୍ତା ଠିକ କରିବାର ମୂଳ ଗୁରୁତ୍ୱପୂର୍ଣ୍ଣ

ପ୍ରଶ୍ନଟିକୁ ମଧ୍ୟ ଲଢ଼େଇ କରିବାର ଉନ୍ମାଦନାରେ ଚପେଇ ଦେବାକୁ ଚାହାନ୍ତି। ଏହାର ଫଳ କଣ ହୁଏ ? ଲଢ଼େଇ ମାଡ ଖାଏ। ଆଉ ମାଡ ଖାଇବା ପରେ ଲୋକଙ୍କ ମଧ୍ୟରେ ହତାଶା ଆସେ। ହତାଶା ପରେ ସେମାନଙ୍କ ମଧ୍ୟରେ କି ମାନସିକତା ସୃଷ୍ଟି ହୁଏ ? ସେମାନେ କହିଥାନ୍ତି, 'ଏତେ ତ ଦେଖିଲୁ, ଅନେକ ଲଢ଼େଇ ହେଲା, କେତେ ଜେଲ ଯିବା ହେଲା, କୁରବାନି କରା ହେଲା, କେତେ କିଛି କରାଗଲା– ଆଉ କିଛି ହେବ ନାହିଁ। ଏହି ଦେଶରେ କିଛି ହେବ ନାହିଁ। ଏଇ ଲୋକଗୁଡାକ ସବୁ ଖରାପ ହୋଇ ଯାଇଛନ୍ତି। ସବୁ ପାର୍ଟିକୁ ଦେଖିଲୁ ଆଜ୍ଞା, ଯା'ନ୍ତୁ, ଯା'ନ୍ତୁ, ଆମେ ସବୁ ଜାଣିଛୁ। ଏଇ ତ କଂଗ୍ରେସକୁ ଦେଖିଲୁ, ସି.ପି.ଆଇକୁ ଦେଖିଲୁ, ସି.ପି.ଆଇ(ଏମ୍)କୁ ମଧ୍ୟ ଦେଖିଲୁ। ସୋସାଲିଷ୍ଟମାନଙ୍କର ତ ଏହି ଅବସ୍ଥା ହୋଇଛି। ନକ୍ସଲପନ୍ଥୀମାନେ ଯେଉଁ ବିପ୍ଳବ କଲେ ତାକୁ ବି ଦେଖିଲୁ। ବର୍ତ୍ତମାନ ସେମାନେ ଏସବୁ କହୁଛନ୍ତି। ଆପଣମାନେ ପୁଣି କେଉଁ ଏକ ସୋସାଲିଷ୍ଟ ୟୁନିଟି ସେଣ୍ଟର, କ'ଣ ନା ଡି.ଏସ୍.ଓ ରୁ ଆସିଛନ୍ତି। ଆପଣମାନେ ପୁଣି କହୁଛନ୍ତି, ସମସ୍ୟାର ସମାଧାନ କରିବେ। ଆମକୁ ସବୁ ଜଣା ଅଛି ଆଜ୍ଞା– କିଛି ହେବ ନାହିଁ, ଏଦେଶରେ କିଛି ହେବ ନାହିଁ।' ସଂକ୍ଷେପରେ ସମସ୍ତ ଲୋକଙ୍କ ମଧ୍ୟରେ ଥିବା ଏହି ଧାରଣା ହେଉଛି ଏହି ଲଢ଼େଇର ପରିଣତି। ହତାଶାରୁ ସେମାନଙ୍କର ଯେଉଁ ମାନସିକତା ସୃଷ୍ଟି ହୋଇଛି ତା' ହେଲା, 'ସମସ୍ତଙ୍କୁ ଆମେ ଦେଖିଲୁ, କାହା ଦ୍ୱାରା କିଛି ହେବ ନାହିଁ।'

ଏହି ଅବସ୍ଥାରେ ଯେଉଁ ଶାସକ ସମ୍ପ୍ରଦାୟ ଦେଶକୁ ଶାସନ କରୁଛନ୍ତି, ସେହି ଶୋଷକ ବର୍ଗ, ବୁର୍ଜୁଆଶ୍ରେଣୀ ଓ ସେମାନଙ୍କର ରାଜନୈତିକ ଦଳଗୁଡ଼ିକ, ଜନମାନସର ଏହି ହତାଶା, ଏହି ରାଜନୈତିକ ହତାଶା ଏବଂ ସାମୟିକଭାବରେ ହେଲେ ବି ଏହା ଯୋଗୁ ଜନଗଣଙ୍କ ମଧ୍ୟରେ ଯେଉଁ ନିଷ୍କ୍ରିୟତା ଗଢି ଉଠେ, ତାର ସୁଯୋଗ ନେଇ ରାଷ୍ଟ୍ରଯନ୍ତ୍ରକୁ ଆହୁରି ସଂହତ କରିବାର ସୁଯୋଗ ପାଏ। ତେବେ ହତାଶାରୁ 'କିଛି ହେବ ନାହିଁ'– ଏହା କହି ଦେଇ ବସିଗଲେ ତ ଚଳିବ ନାହିଁ। ପେଟର ଦାଉ ବଡ ବିଚିତ୍ର। ଜୀବନ ଅତ୍ୟନ୍ତ କଠିନ। 'କିଛି ହେବ ନାହିଁ' କହି ଦେଇ ବସି ଯିବାର କୌଣସି ଉପାୟ ନାହିଁ। ପୁଣି ମାଡ ଖାଇ ପାଗଳ ଭଳି ରାସ୍ତାକୁ ଓହ୍ଲାଇବାକୁ ହୁଏ, ଓହ୍ଲାଇବାକୁ ହିଁ ହେବ। ଲଢ଼େଇ ଆସିବ ହିଁ ଆସିବ। ଯଦି ବୁଝିଥାନ୍ତି, 'କିଛି ହେବ ନାହିଁ' ବୋଲି ଆଉ କୌଣସି ଦିନ ଆପଣ ଲଢ଼ିବେ ନାହିଁ, ଆପଣମାନଙ୍କୁ କୁକୁର ବିଲେଇ ଭଳି ଯେଉଁଭଳି ରଖାଯିବ, ସେହିଭଳିଭାବେ ଆପଣମାନେ ଅଭ୍ୟସ୍ତ ହୋଇ ହୋଇ ପଶୁ ଭଳି ଜୀବନକୁ ଖସି ଆସିବେ, କୌଣସି ଦିନ ପ୍ରତିବାଦ କରିବେ ନାହିଁ, ତାହେଲେ ବୁଝିଥାନ୍ତି, ଏହିଭଳି ମାନସିକତାର

କିଛି ଅର୍ଥ ଅଛି। କିନ୍ତୁ ବାସ୍ତବରେ ତାହା ହେବ ନାହିଁ। ଜୀବନର ଅସହ୍ୟ ସଂକଟ ପୁଣି ଆପଣମାନଙ୍କୁ ନିଶ୍ଚିତଭାବେ ଲଢେଇର ମଇଦାନକୁ ଟାଣି ଆଣିବ, ଆପଣମାନେ ଲଢେଇ କରିବାକୁ ବାଧ୍ୟ ହେବେ। ତେଣୁ ଯେତେ ଥର ମାଡ ଖାଇଥାନ୍ତୁ, ଯେତେ ପରାଜୟ ହୋଇ ଥାଉ, ଯେତେ ଥର ରାସ୍ତା ଭୁଲ ହୋଇଥାଉ, ସଠିକ୍ ରାସ୍ତା କିନ୍ତୁ ଆପଣମାନଙ୍କୁ ପୁନର୍ବାର ଚିହ୍ନି ନେବାକୁ ହେବ। ଜଣେ ଠକିଛି, ଦଶ ଜଣ ଠକିଛନ୍ତି, ପଚାଶ ଜଣ ଠକିଛନ୍ତି ବୋଲି ଆଉ କିଛି ହେବ ନାହିଁ- ମଣିଷର ଇତିହାସ ଏହିଭଳିଭାବେ ଶେଷ ହୋଇ ଯାଏନା। ମଣିଷ ପୁଣି ଲଢ଼ିବ, ପୁଣି ଭାବିବ, ପୁଣି ଚିନ୍ତା କରିବ। ସଠିକ ରାସ୍ତା ଦିନେ ଚିହ୍ନି ନେବ। ତେଣୁ ମୁଁ କହେ, ଲଢ଼େଇ ଏକ ପ୍ରୟୋଜନୀୟ ବିଷୟ, ସଂଗଠନ ମଧ୍ୟ ଏକ ପ୍ରୟୋଜନୀୟ ବିଷୟ। ଏହି ଦୁଇଟିକୁ ବାଦ ଦେଇ ଶେଷ ପର୍ଯ୍ୟନ୍ତ କିଛି ହେବ ନାହିଁ। ମାତ୍ର ଏହା ପୂର୍ବରୁ ଆଉ ଏକ ବଡ କଥା ଅଛି। ତାହା ହେଉଛି, ଆଦର୍ଶ ଠିକ କରିବା, ନୀତି ଠିକ କରିବା, ଲଢ଼େଇର ରାସ୍ତା ଠିକ କରିବା, ଲଢ଼େଇର ଉଦ୍ଦେଶ୍ୟ ଠିକ କରିବା- ସମାଜ ଜୀବନ, ଅର୍ଥନୈତିକ ଓ ରାଜନୈତିକ ଜୀବନର ମୂଳ ରୋଗ କଣ, ତାହା ସଠିକଭାବେ ନିର୍ଣ୍ଣୟ କରିବା।

ସୁତରାଂ ବର୍ତ୍ତମାନ ମୁଁ ଯେଉଁ କଥାଗୁଡ଼ିକ ଆପଣମାନଙ୍କ ସମ୍ମୁଖରେ, ଛାତ୍ର ବନ୍ଧୁମାନଙ୍କ ସମ୍ମୁଖରେ କହିବି, ସେଗୁଡ଼ିକୁ ଯେଉଁ ଛାତ୍ର ଓ ଜନସାଧାରଣ ଏଠାକୁ ଆସିଛନ୍ତି ସେମାନେ ଧିର ଚିତ୍ତରେ ଭାବି ଦେଖିବେ। ମୋର କଥା ସଠିକ ମନେହେଲେ ଗ୍ରହଣ କରିବେ, ନହେଲେ ଗ୍ରହଣ କରିବା ଦରକାର ନାହିଁ। ଆଉ ଯଦି ବିରୁଦ୍ଧରେ କହିବାକୁ ଚାହାନ୍ତି, ତା ମଧ୍ୟ କୁହନ୍ତୁ। କିନ୍ତୁ, ସଠିକଭାବେ କୁହନ୍ତୁ। ମୁଁ କହିବାକୁ ଚାହେଁ, ବର୍ତ୍ତମାନ ସମାଜ ଜୀବନରେ ନୈତିକ ଅଧଃପତନ ଏକ ଅନ୍ୟତମ ପ୍ରଧାନ ସମସ୍ୟା ଭାବେ ଦେଖା ଦେଇଛି। ଏହା ଏକ ବିଚ୍ଛିନ୍ନ ଘଟଣା ନୁହେଁ। ଏହା ଏକ ଗୋଷ୍ଠୀର କ୍ରିୟାକଳାପ, ଏହିଭଳିଭାବେ କେବଳ କହିଲେ ପରିସ୍ଥିତିର ଗୁରୁତ୍ୱକୁ ନ୍ୟୁନ କରି ଦେଖା ହେବ। ଆମର ସମଗ୍ର ଦେଶ ମଧ୍ୟରେ ନୈତିକ ଅଧଃପତନ, ଲାଞ୍ଚ ଖାଇବା, ମିଥ୍ୟାଚାର, ଲୋକଙ୍କୁ ଠକିବା, କର୍ତ୍ତବ୍ୟରେ ଅବହେଳା, ଦାୟିତ୍ୱ ଜ୍ଞାନହୀନତା, କାପୁରଷୋଚିତ ଆକ୍ରମଣ ଆଜି ଏକ ବୈଶିଷ୍ଟ୍ୟଭାବେ ଦେଖା ଦେଇଛି। କି ଶାସକ ଦଳ, କି ବିରୋଧୀ ଦଳ,ସମସ୍ତଙ୍କ ରାଜନୀତି ମଧ୍ୟରେ ଏହା ପ୍ରବେଶ କରିଛି। ମୁଁ ଏଥିରୁ ଆମ ଦଳକୁ ମଧ୍ୟ ବାଦ ଦେବାକୁ ଚାହେଁନା। ତେବେ ଏତିକି କହିବି, ଆମ ଦଳ ଏ ସମ୍ପର୍କରେ ସତର୍କ ଅଛି। ଆମେ ନିଜକୁ ଏସବୁରୁ ରକ୍ଷା କରିବା ନିମିତ୍ତ ସାଧ୍ୟମତେ ଚେଷ୍ଟା କରୁଛୁ। ମାତ୍ର ମୁଁ ଏକଥା କୁହେ ନା ଯେ, ଏହି ସର୍ବାତ୍ମକ ସର୍ବଗ୍ରାସୀ ବିରୁଦ୍ଧ ପରିବେଶ

ଏବଂ ପରିମଣ୍ଡଳର ପ୍ରଭାବରୁ ଆମ ଦଳର ସମସ୍ତ ପୁଅ ଝିଅ, ସମସ୍ତ କର୍ମୀ ଏବଂ ସମର୍ଥକମାନେ ସମ୍ପୂର୍ଣ୍ଣଭାବେ ମୁକ୍ତ ହୋଇ ଯାଇଛନ୍ତି ଓ ଏହା ସେମାନଙ୍କୁ ଆଦୌ ସ୍ପର୍ଶ କରିପାରେନା। ବାରମ୍ବାର ଏହି ହାୱା ସେମାନଙ୍କୁ ସ୍ପର୍ଶ କରେ, ସେମାନଙ୍କୁ କଳୁଷିତ କରିବା ପାଇଁ ଚେଷ୍ଟା କରେ, ସେମାନଙ୍କର ନୈତିକ ଅଧଃପତନ ଘଟାଇବାକୁ ଚେଷ୍ଟା କରେ। ବାରମ୍ବାର ଆମେ ତା' ବିରୁଦ୍ଧରେ ନିରଳସଭାବେ ସଂଗ୍ରାମ କରି ସେମାନଙ୍କୁ ନୈତିକଭାବେ ଦୃଢ଼ କରି ରଖିବା ପାଇଁ ଚେଷ୍ଟା କରୁଛୁ। କାରଣ ଗୋଟିଏ କଥା ମୁଁ ବିଶ୍ୱାସ କରେ ଏବଂ ଆପଣମାନଙ୍କୁ ଭାବିବାକୁ କୁହେ, ଆଦର୍ଶ ଯଦି ବି ସଠିକ ହୁଏ, ମହାନ୍ ହୁଏ, ସତ୍ୟ ମଧ୍ୟ ହୁଏ, ସଠିକ୍ ରାସ୍ତା ମଧ୍ୟ ବତାଇ ଦିଆଯାଏ, ତଥାପି ବି ନୈତିକ ବଳ ଓ ଉନ୍ନତ ସାଂସ୍କୃତିକ ମାନ ବ୍ୟତୀତ ସେହି ରାସ୍ତାରେ ଆଗେଇବାର ଶକ୍ତି କୌଣସି ମଣିଷ ଅର୍ଜନ କରିପାରେ ନା। ଏକ ବଡ଼ ଆଦର୍ଶ,ଉନ୍ନତ ଆଦର୍ଶ ଏବଂ ସମସ୍ୟା ସମାଧାନର ସଠିକ ପନ୍ଥା ମଧ୍ୟ ଯଦି କେତେ ଜଣ ନୈତିକଭାବେ ଅଧଃପତିତ ଲୋକଙ୍କ ହାତରେ ପଡେ, ତେବେ ତାଦ୍ୱାରା ଦେଶର ମଙ୍ଗଳ ହୋଇ ପାରେନା, ଆନ୍ଦୋଳନ ମଧ୍ୟ ସଫଳ ହୋଇପାରେନା। ବରଂ, କ୍ଷତି ହୁଏ। ତେଣୁ ମୁଁ ବିଶ୍ୱାସ କରେ, ଯେକୌଣସି ଆଦର୍ଶ, ତାହା ଶୁଣିବାକୁ କେମିତି, କହିବାକୁ କେମିତି, ସ୍ଲୋଗାନ କେମିତି- ଏହା ତାର ବାହ୍ୟ ଆବରଣ। କେହି ମାର୍କ୍ସବାଦ-ଲେନିନ୍‌ବାଦର କଥା କୁହନ୍ତି, ବିପ୍ଳବର କଥା କୁହନ୍ତି, ଗଣତାନ୍ତ୍ରିକ ସମାଜବାଦର ବକ୍ତୃତା ଶୁଣାନ୍ତି, ମାତ୍ର ସେମାନଙ୍କର ସେହି ଆଦର୍ଶ ଦ୍ୱାରା ସମାଜ ଅଭ୍ୟନ୍ତରରେ ପଚିଯାଇଥିବା ଅଧଃପତିତ ନୈତିକ ମାନକୁ ନିୟନ୍ତ୍ରଣ କରାଯାଇ ପାରୁଛି କି ନାହିଁ, ଉନ୍ନତ କରାଯାଇ ପାରୁଛି କି ନାହିଁ, ନୂତନ ନୈତିକ ବଳ ସୃଷ୍ଟି କରାଯାଇ ପାରୁଛି କି ନାହିଁ ଏବଂ ତାହା ସୃଷ୍ଟି ହେଉଛି କି ନାହିଁ, ତାହା ହି ବିଚାର୍ଯ୍ୟ ବିଷୟ। ମୁଁ ଯେଉଁ କଥାଟି କହିବାକୁ ଚାହୁଁଛି, ତାହା ହେଲା, ଶୁଣିବାକୁ, କହିବାକୁ ଏକ ଆଦର୍ଶ ଯେତେ ଭଲ ମନେ ହେଉ, ସେହି ଆଦର୍ଶର ଅସଲ ମର୍ମବସ୍ତୁ ତାର ସାଂସ୍କୃତିକ ନୈତିକ ମାନ ମଧ୍ୟରେ ନିହିତ ଥାଏ। ଏହିଠାରେ ହିଁ ରହିଛି ତାର ଅଗ୍ନି ପରୀକ୍ଷା।

କୌଣସି ଆଦର୍ଶ ଶୁଣିବାରେ ଏବଂ କହିବାରେ ଯେତେ ଭଲ ଲାଗୁ ନା କାହିଁକି, ସେହି ଆଦର୍ଶର ପରିଭାଷା ଯେତେ ସୁନ୍ଦର ହେଉ ନା କାହିଁକି ସେହି ଆଦର୍ଶର ପ୍ରଚାର ଏବଂ ପ୍ରଭାବ ବୃଦ୍ଧି ଦ୍ୱାରା ସମାଜ ଅଭ୍ୟନ୍ତରରେ ଏକ ନୈତିକ ଚେତନା, ଏକ ନୂତନ ମାନ, ଏକ ଉନ୍ନତ ସାଂସ୍କୃତିକ ଧାରଣା ଗଢ଼ି ନଉଠିଲେ, ସେହି ଆଦର୍ଶ କେବେ ବି ଜନଗଣଙ୍କୁ ପଥ ଦେଖାଇ ପାରିବ ନାହିଁ। ତାହା ପରିତ୍ୟଜ। ତାକୁ ମୃତ ଦେହ ଭଳି ପରିତ୍ୟାଗ କରିବାକୁ ହେବ। ଏକ ସୁନ୍ଦର

ଶରୀର ଯଦି ମୃତ ବ୍ୟକ୍ତିର ହୁଏ, ଆମେ ତାକୁ ଫିଙ୍ଗି ଦେଉ କାହିଁକି ? କାରଣ ମମତାରେ ତାକୁ ଜିଆଁଇ ରଖିଲେ ଦୁର୍ଗନ୍ଧ ବ୍ୟାପିବ। ସେମିତି ଦଳେ ଲୋକ ଯଦି ନୈତିକ ଦିଗରୁ ଅଧଃପତିତ ଓ ସ୍ଲୋଗାନସର୍ବସ୍ୱ ହୁଅନ୍ତି, ଏମିତି ହୁଏ ଯେ, ସେମାନେ ଖାଲି ଦାବି ଉଠାନ୍ତି କିନ୍ତୁ ଦାୟିତ୍ୱ ପାଳନ କରନ୍ତି ନାହିଁ, ତାହେଲେ ସେମାନେ ସମାଜର ଅନିଷ୍ଟ କରିବେ। ଲେନିନ୍ କହିଥିଲେ, 'Better fewer, but better'- ଅର୍ଥାତ୍, ଅଳ୍ପ ହୁଅନ୍ତୁ, କିନ୍ତୁ ଉନ୍ନତ ଗୁଣ ସମ୍ପନ୍ନ ମଣିଷ ଦରକାର, କାରଣ ସେମାନେ କିଛି କରିବେ।

ଥରେ ପଶ୍ଚିମବଙ୍ଗର ଯୁକ୍ତଫ୍ରଣ୍ଟ ସରକାର ସମୟରେ ସରକାରୀ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କିଛି କଥା କହି ମୁଁ ଖୁବ ସମାଲୋଚିତ ହୋଇଥିଲି। ମୁଁ ସେମାନଙ୍କ ଉଦ୍ଦେଶ୍ୟରେ କହିଥିଲି, 'ଆପଣମାନେ କଣ ଦେଶକୁ ଜାଣନ୍ତି ? କଂଗ୍ରେସ ସରକାର ବିରୁଦ୍ଧରେ ଇଲେକ୍ସନ ଲଢି ଯେଉଁ ୭୫ ଶତାଂଶ ଲୋକଙ୍କ ଭୋଟରେ ଆପଣମାନେ ଯୁକ୍ତଫ୍ରଣ୍ଟକୁ କ୍ଷମତାରେ ବସାଇଲେ, ସେହି ଗରିବ ଚାଷୀ, କ୍ଷେତମଜଦୁର, ଭୁମିହୀନ ଚାଷୀ, ସାଧାରଣ ଶ୍ରମିକ, ବେକାର ମାନଙ୍କର ଅବସ୍ଥା ଆପଣମାନେ ଜାଣନ୍ତି ? ସେମାନଙ୍କର ଅବସ୍ଥା ତ ଆପଣମାନଙ୍କ ଠାରୁ ବି ଅଧିକ ଖରାପ। ଏହି ସରକାର ତ ଆପଣମାନଙ୍କର। ଆପଣମାନେ ତ କିଛି ହେଲେ ଦରମା ପାଆନ୍ତି। ପାଆନ୍ତି ତ ? ବେକାର ତ ନୁହଁନ୍ତି। ମୁଁ ମନେକରେ, ଜିନିଷପତ୍ରର ଦାମ ତୁଳନାରେ ଆପଣମାନଙ୍କର ଆହୁରି ଅଧିକ ଦରମା ପାଇବା ଉଚିତ୍। ଏବେ ଆପଣମାନଙ୍କ ହାତରେ କ୍ଷମତା। ଆପଣମାନେ ତ କହିବେ, ସରକାର ପ୍ରଥମେ ଗରିବ ଚାଷୀ, ଶ୍ରମିକ, ବେକାର ଯୁବକମାନଙ୍କ ପାଇଁ କିଛି କରୁ। ତା'ପରେ ଯଦି କିଛି ଟଙ୍କା ଥାଏ, ତେବେ ସରକାରୀ କର୍ମଚାରୀମାନଙ୍କ ଦରମା ବଢାନ୍ତୁ। ଆଉ ଟଙ୍କା ଯଦି ନଥାଏ, ତେବେ କେନ୍ଦ୍ର ବିରୁଦ୍ଧରେ, କାୟେମୀ ସ୍ୱାର୍ଥବାଦୀମାନଙ୍କ ବିରୁଦ୍ଧରେ ଯୁକ୍ତଫ୍ରଣ୍ଟ ସରକାର ଓ ଆପଣମାନେ ଏକତ୍ର ଲଢି ଟଙ୍କା ସଂଗ୍ରହ ପାଇଁ ଚେଷ୍ଟା କରିବେ। ମାତ୍ର ତାହା ନକରି ଆପଣମାନେ କହିଲେ, ପ୍ରଥମେ ଆମର ଦରମା ବଢାଅ, କାରଣ ଆମେ ଭୋଟ ଜରିଆରେ ସରକାରକୁ କ୍ଷମତାରେ ବସାଇଛୁ। ଫଳରେ ସରକାର ହାତରେ ଯେଉଁ ସ୍ୱଳ୍ପ ଟଙ୍କା ଥିଲା ତାହା ସରକାରୀ କର୍ମଚାରୀମାନଙ୍କ ବର୍ଦ୍ଧିତ ଦରମାରେ ଚାଲିଗଲା। ଏହା କଣ ଗଣତାନ୍ତ୍ରିକ ଚେତନା ? ଗଣତାନ୍ତ୍ରିକ ଆନ୍ଦୋଳନର କର୍ମୀମାନେ ଦାବି ନେଇ ଅନ୍ୟାୟ ବିରୁଦ୍ଧରେ ଲଢ଼ିବେ, ଆୱାଜ ଉଠାଇବେ, ମଣିଷ ମାତ୍ରେ ହିଁ ତାହାକୁ ସମର୍ଥନ କରିବେ, ଆଜି ନକଲେ କାଲି କରିବେ। ଅନ୍ୟାୟ ନିକଟରେ ମୁଣ୍ଡ ନୁଆଁଇବେ ନାହିଁ, ଜୀବନକୁ ଭୟ କରିବେ ନାହିଁ, ହତ୍ୟାକୁ ଭୟ କରିବେ ନାହିଁ। ମୁଁ ସେହି ଆନ୍ଦୋଳନର ସମର୍ଥକ।

ମାତ୍ର ନିଜର ଦରମା ବୃଦ୍ଧିର ଦାବି ଉଠାଇବା ପୂର୍ବରୁ ଯେଉଁମାନେ ଆପଣମାନଙ୍କ ଠାରୁ ବି ଦୁରାବସ୍ଥାରେ ଅଛନ୍ତି, ସେମାନଙ୍କ କଥା ତ ଭାବିବେ ! ପୁଣି, ଆପଣମାନେ ଆପଣମାନଙ୍କର ଦାବି ନେଇ ଲଢ଼ିବେ ବୋଲି ସରକାରୀ ଅଫିସରେ କାମ କରିବେ ନାହିଁ, ଏହା ତ ଚଳିବ ନାହିଁ। ଏହି ମାନସିକତାର ପ୍ରଶ୍ରୟ ଦେଲେ ଗଣତାନ୍ତ୍ରିକ ଆନ୍ଦୋଳନର ପ୍ରାଣସତ୍ତା ନଷ୍ଟ ହୋଇଯାଏ। ବିପ୍ଳବୀ ତେଜ ନଷ୍ଟ ହୋଇ ଯାଏ। ସେହି ଗଣତାନ୍ତ୍ରିକ ଆନ୍ଦୋଳନ ଦେଶର ବିପ୍ଳବ ତ ଦୂରର କଥା, କୌଣସି ଭଲ କାମ କରିପାରେନା। 'ଏଥିକ୍ସ'ର ଏକ ବୁନିୟାଦି କଥା ହେଲା, ସମାଜ ପ୍ରତି ଦାୟିତ୍ୱ ପାଳନ ବ୍ୟତିରେକେ ଅଧିକାର ଅର୍ଜନ କରାଯାଏ ନା। ଏହି ଆଧାର ଉପରେ ଠିଆ ହୋଇ ନପାରିଲେ କୌଣସି ବୃହତ୍ତର ଆନ୍ଦୋଳନ କରାଯାଇ ପାରେନା। ବାର୍ଟ୍ରାଣ୍ଡ ରାସେଲଙ୍କ ଭାଷାରେ, ନୀତିହୀନ ରାଜନୀତି ହେଲା, 'କଦର୍ଯ୍ୟ ଲୋକଙ୍କର ପେଷା' (Profession of the scoundrel)। ଆମର ରାଜନୀତିର ଏକ ନୀତି ଅଛି। ହଁ, ଗାନ୍ଧୀବାଦୀମାନଙ୍କ ନୀତି ସହିତ ସେହି ନୀତିର ମୌଳିକ ପାର୍ଥକ୍ୟ ଅଛି। ଶ୍ରେଣୀ ସଂଗ୍ରାମ, ପରିବର୍ତ୍ତନଶୀଳ ଜୀବନ ସଂଗ୍ରାମ, ବିପ୍ଳବୀ ଆନ୍ଦୋଳନ ଏବଂ ବିପ୍ଳବାତ୍ମକ ପରିବର୍ତ୍ତନର ପ୍ରୟୋଜନବୋଧରୁ ଏହାର ନୀତି-ନୈତିକତା ନିର୍ଦ୍ଧାରିତ ହୁଏ। କିନ୍ତୁ ଏକ ନୀତି-ନୈତିକତା ତ ଅଛି, ଆଦର୍ଶ ଅଛି। କୌଣସି ନୀତି-ନୈତିକତାର ପରୱା ନାହିଁ, ତାହା ତ ଚରମ ସୁବିଧାବାଦ। ଏହି ଯେ ବିଷୟଟି ଦେଶରେ ବିସ୍ତାରଲାଭ କରୁଛି ତାହା ବାମପନ୍ଥୀମାନଙ୍କ ମଧ୍ୟରେ ବି ରହିଛି। ତେଣୁ ଦେଖନ୍ତୁ, ଡାକ୍ତରୀ ପେଶା ଯେଉଁମାନେ ଗ୍ରହଣ କରନ୍ତି ବା ଯେଉଁମାନେ ଇଞ୍ଜିନିୟରିଂ ପେଶାରେ ଯାଆନ୍ତି, ସେମାନେ ପେଶାଗତ ନୈତିକତା ଓ ମାନସିକତାର ଧାର ଧାରନ୍ତି ନାହିଁ। ସରକାରୀ କର୍ମଚାରୀ, ରେଳ କର୍ମଚାରୀ ସମସ୍ତେ ସେମାନଙ୍କ ନିଜ ନିଜ ୟୁନିୟନ୍‌ରେ ସଂଗଠିତ। ସେମାନେ ସେମାନଙ୍କର ଦାବି ନେଇ ଲଢ଼େଇ କରନ୍ତି, ଗଣତାନ୍ତ୍ରିକ ଆନ୍ଦୋଳନ କରନ୍ତି, ଖୁବ ଭଲ କଥା। ଆମ ଦଳର କର୍ମୀମାନେ ସେହି ଆନ୍ଦୋଳନ ସହିତ ଅଛନ୍ତି। କିନ୍ତୁ ସେମାନଙ୍କର 'ସର୍ଭିସ ସ୍ପିରିଟ୍' ତ ରହିବ ! ସେମାନଙ୍କ ମଧ୍ୟରେ ତ ଚରିତ୍ରର ଏକ ମାନ ରହିବ, ଯାହାକୁ ଦେଖି ଦେଶର ବାତାବରଣ ବଦଳିବାରେ ଲାଗିବ। ଶୋଷକ ସମ୍ପ୍ରଦାୟର ଯେଉଁମାନେ ଏହି ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାକୁ ବଞ୍ଚାଇ ରଖିବାକୁ ଚାହାନ୍ତି, ସେମାନଙ୍କ ପକ୍ଷରେ ଏହି ନୈତିକ ଅଧଃପତନ ଏକ ବିରାଟ ସୁବିଧା।

ଅନେକେ କହିବେ, ଦେଶରେ ଅଭାବ କେଉଁଠି ? ଘରେ ଘରେ ବେକାର ଯୁବକମାନେ ସୁନ୍ଦର ସୁନ୍ଦର ସାର୍ଟ-ପ୍ୟାଣ୍ଟ ଘଣ୍ଟା ପିନ୍ଧି ବୁଲନ୍ତି। ଅହରହ ସିଗାରେଟ୍ ପିଅନ୍ତି। ଆଗରୁ ଲୋକେ ଏତେ ସୁନ୍ଦର ପ୍ୟାଣ୍ଟ ସାର୍ଟ ପିନ୍ଧୁ ନଥିଲେ। ବର୍ତ୍ତମାନ

ପିନ୍ଧନ୍ତି। ତାହା ହେଲେ ପୁଣି ଅଭାବ କେଉଁଠି ? ଦଳେ ଐତିହାସିକ ମନେକରନ୍ତି, ଖବର ସଂଗ୍ରହର ନାଁ ହେଲା ଇତିହାସ। ନା, ତା' ନୁହେଁ। ଠିକ୍ ସେମିତି, ସମାଜ ବିଜ୍ଞାନ ବିଶ୍ଳେଷଣ କରିବା ଅର୍ଥ ତଥ୍ୟ ସଂଗ୍ରହ କରିବା, ଆଉ ସେଗୁଡ଼ିକୁ ପୋଥିରେ ଗୋଟିଏ ପରେ ଗୋଟିଏ ସଜାଇ ରଖିବା ନୁହେଁ। ସମାଜରେ ବିରାଜମାନ କରୁଥିବା ବାସ୍ତବ ଅବସ୍ଥା ପରିପ୍ରେକ୍ଷୀରେ ସେହି ତଥ୍ୟ ଓ ଖବରଗୁଡ଼ିକୁ ସଂଯୋଜିତ କରିବାକୁ ହେବ। ଏହି ଯୁବକମାନେ କଣ କରନ୍ତି ? ହୁଏତ ୱାଗନ ବ୍ରେକର ଦଳରେ କାମ କରି, ନଚେତ୍ କେଉଁ ପାର୍ଟିର ଭଲେଣ୍ଟିୟର ହୋଇ ସାରା ଦିନ କାମ କରି ସେମାନଙ୍କ ପାଖରୁ କିଛି ଟଙ୍କା ପାଉଛନ୍ତି। ହୁଏତ କେଉଁ ସେବାଦଳର ଲୋକ ହୋଇ ଟଙ୍କା ପାଉଛନ୍ତି, ଆଉ ନହେଲେ ନାନା ଅସାମାଜିକ କାମ କରି ଘୁରି ବୁଲୁଛନ୍ତି। ବିଭିନ୍ନ ଉପାୟରେ ଟଙ୍କା ରୋଜଗାର କରୁଛନ୍ତି। ଲକ୍ଷ ଲକ୍ଷ ଯୁବକ ଏହିଭଳି କାମରେ ଯୁକ୍ତ। ଅବାକ କାଣ୍ଡ ! ଗୋଟିଏ ଦେଶର ସରକାର ଓ ରାଜନୈତିକ ଦଳଗୁଡ଼ିକ ଏହି ଅନୈତିକ ରୋଜଗାର ଓ ଜୀବନଯାପନକୁ ରାଜନୈତିକ ଓ ସାମାଜିକ ଦିଗରୁ ଉତ୍ସାହ ଦେଇ ଚାଲିଛନ୍ତି। ସେହି ଦେଶରେ ନୈତିକ ମେରୁଦଣ୍ଡ ରହିବ କିଭଳି ? ରହି ପାରେ ନା। 'ନୈତିକ ଅଧଃପତନ ହେଉଛି, ନୈତିକ ଅଧଃପତନ ହେଉଛି,' କହି ଭାଷଣବାଜି କଲେ କଣ ଏସବୁ ଦୂର ହେବ ? ନା, ଦୂର ହେବ ନାହିଁ।

ତାହେଲେ ଏସବୁର କାରଣ କଣ ? ଗୋଟିଏ କଥାରେ କହିଲେ, ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା, ଶୋଷଣମୂଳକ ସମାଜ ବ୍ୟବସ୍ଥା ଏହାର ମୂଳ କାରଣ। କିନ୍ତୁ ତା ବୋଲି ଏହା ଅଦୃଷ୍ଟବାଦ ନୁହେଁ, ଯେମିତି ଏହା ନିଶ୍ଚିତ ଘଟିବ ! ଶୋଷଣମୂଳକ ସମାଜ ବ୍ୟବସ୍ଥାରୁ ହିଁ ଏହିସବୁ ଅଧୋଗତି ସୃଷ୍ଟି ହେଉଛି। ଏହି ସମାଜକୁ ଯେଉଁମାନେ ଶାସନ କରୁଛନ୍ତି, ଚଳାଉଛନ୍ତି, ସେମାନଙ୍କର ଏହି ସମାଜରୁ ପ୍ରଚୁର ଲାଭ ହେଉଛି, ସେମାନେ ସମସ୍ତ ପ୍ରକାର ସୁବିଧା ଭୋଗ କରୁଛନ୍ତି। ତେଣୁ ସେମାନେ ଏହି ସମାଜର ପରିବର୍ତ୍ତନ ଚାହାନ୍ତି ନାହିଁ। ସୁତରାଂ, ଜ୍ଞାନ-ବିଜ୍ଞାନ, ନୀତି-ନୈତିକତାର ସାଧନା ସେମାନଙ୍କର ଦରକାର ନାହିଁ, ବରଂ ଏଗୁଡ଼ିକୁ ସେମାନେ ଭୟ କରନ୍ତି। ସେମାନେ ବର୍ତ୍ତମାନ 'ଐତିହ୍ୟ'ର କଥା କୁହନ୍ତି, ଆଉ ଯେଉଁଭଳି ଭାବେ ହେଉ, ଯେଉଁ କେତେଟା ଦିନ ସମ୍ଭବ ଲୋକଙ୍କୁ ଠକି ସେମାନଙ୍କୁ ଲୁଟ କରିବାକୁ ଚାହାନ୍ତି। ମାତ୍ର ସମାଜ ମଧ୍ୟରେ ଯେଉଁ ବିରୁଦ୍ଧ ଶକ୍ତି ଅଛି, ତାହାର ତ ଏକ କ୍ରିୟା ରହିବ। ସେହି ବିରୁଦ୍ଧ ଶକ୍ତି ଯଦି ସଠିକ ରାଜନୈତିକ ଆନ୍ଦୋଳନ ଗଢି ତୋଳନ୍ତା ଏବଂ ରାଜନୈତିକ ଆନ୍ଦୋଳନରେ ନିଜର ଭୂମିକା ଠିକଭାବେ ପାଳନ କରନ୍ତା, ତା'ହେଲେ ସମାଜରେ ଘଟୁଥିବା ନୈତିକ ଅବନମନ ଉପରେ

ସଂଯମ ରକ୍ଷାକାରୀ ଏକ ପ୍ରଭାବ ପଡନ୍ତା। ଏଦେଶର ସ୍ୱାଧୀନତା ଆନ୍ଦୋଳନରେ ଯେମିତି ଘଟିଥିଲା। ମୁଁ କହିବି, ଏହି ସ୍ୱାଧୀନତା ଆନ୍ଦୋଳନରେ ହଜାର ଏକ ତ୍ରୁଟି-ବିଚ୍ୟୁତି ଥିଲା। ଏହା ଧର୍ମନିରପେକ୍ଷ ନଥିଲା, ଏହା ଥିଲା ହିନ୍ଦୁ ଜାତୀୟତାବାଦ, ତା' ବି ପୁଣି ତଥାକଥିତ ଉଚ୍ଚ ବର୍ଣ୍ଣର ଜାତୀୟତାବାଦ। ଏହିଭଳି ହଜାରଟା ତ୍ରୁଟି ସ୍ୱାଧୀନତା ଆନ୍ଦୋଳନରେ ଥିଲା। ସେହି ସମୟରେ ବ୍ରିଟିଶ ସାମ୍ରାଜ୍ୟବାଦୀମାନଙ୍କର ଚାଟୁକାରିତା କରି ଦଳେ ଗୋଲାମିର ମନୋଭାବ ବଢ଼େଇ ଦେଇ ଗଲେ। ଅନ୍ୟଦିଗରେ ଥିଲା ଏଦେଶର ପୁରୁଣା, ଧକେଇ ହେଉଥିବା ସାମନ୍ତୀ ସମାଜର- ଧର୍ମୀୟ କୂପମଣ୍ଡୁକତା, ଜାତିଭେଦ, କୁସଂସ୍କାରରେ ଅନ୍ଧ ଏକ ସମାଜ- ଯାହାର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ତା ସତ୍ତ୍ୱେ ବି, ସେହି ଜାତି (ନେସନ୍)ର ଯୁବ ସମ୍ପ୍ରଦାୟର ଏକ ବିରାଟ ଅଂଶ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନର ଭାବଧାରା ଅର୍ଥାତ୍ ମାନବତାବାଦୀ  ଭାବଧାରା, ଗଣତାନ୍ତ୍ରିକ ଚିନ୍ତା ଚେତନା, ବୈଜ୍ଞାନିକ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ ହୋଇଥିଲେ, ଅଧାପନ୍ତରିଆ ଅବସ୍ଥାରେ ଥିବା ଏହି ଚିନ୍ତା ଚେତନାର ପ୍ରଭାବ ଯେତିକି ବି ସେମାନଙ୍କ ଉପରେ ପଡିଥିଲା, ସେଥିରେ ଏହି ଯୁବକମାନେ ଟଗ୍‌ମଗ୍ କରି ଜାଗି ଉଠିଥିଲେ। ସେମାନଙ୍କ ମଧ୍ୟରେ ଏକ ନୂତନ ଜୀବନୀ ଶକ୍ତି ସୃଷ୍ଟି ହୋଇଥିଲା।  ସେମାନେ 'କ୍ୟାରିୟର' ନଷ୍ଟ କରି ବାହାରି ଆସିଥିଲେ। ସେମାନେ ଫାସିକୁ ଭୟ କରି ନଥିଲେ। ସେମାନେ ସମାଜର ସାମଗ୍ରିକ ସ୍ୱାର୍ଥ ପାଇଁ, ଦେଶର ସ୍ୱାଧୀନତା ପାଇଁ, ଦେଶର ମୁକ୍ତି ପାଇଁ ଲଢ଼ିଥିଲେ। ଅଥଚ ଆଜି କି ଅବାକ କାଣ୍ଡ ଦେଖନ୍ତୁ। 'ଆମକୁ ଅମୁକ ହଲରେ ପରୀକ୍ଷା ବ୍ୟବସ୍ଥା କରାଇ ଦେବାକୁ ହେବ'- ଏହା ମଧ୍ୟ ଗଣତାନ୍ତ୍ରିକ ଆନ୍ଦୋଳନର ଏକ ଦାବିଭାବେ ଦେଖା ଦେଇଛି ! କାରଣ, ତା' ନହେଲେ ସେମାନଙ୍କୁ କପି କରିବାକୁ ଅସୁବିଧା ହେବ !

ସ୍ୱାଧୀନତା ଆନ୍ଦୋଳନରେ କେତେ ତ୍ରୁଟି ଥିଲା। ତାହା ଥିଲା ଧର୍ମଭିତ୍ତିକ ସ୍ୱାଧୀନତା ଆନ୍ଦୋଳନ, ତାହା ହିନ୍ଦୁ-ମୁସଲମାନଙ୍କୁ ଐକ୍ୟବଦ୍ଧ କରିପାରିନି, ତାହା ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଗୋଷ୍ଠୀର ଲୋକଙ୍କୁ ଗୋଟିଏ ଜାତି (ନେସନ)ଭାବେ ରାଜନୈତିକ, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଐକ୍ୟବଦ୍ଧ କରିପାରିନି। ତେଣୁ ଆମେ ରାଜନୀତି କ୍ଷେତ୍ରରେ ଗୋଟିଏ ଜାତି ହେଲେ ବି ଆଜି ମଧ୍ୟ ବଙ୍ଗାଳୀ, ଓଡିଆ, ବିହାରୀ, ତେଲୁଗୁ, କନ୍ନଡ, ପଞ୍ଜାବୀ, ହରିୟାନୀ-ଏହିଭଳି ଭାବେ ଭାଗ ଭାଗ ହୋଇ ଯାଇଛୁ ଏବଂ ଏହା  ଏକ ଭୟଙ୍କର ବିଭାଜନ, କୌଣସିମତେ ଏହାକୁ ଦୂର କରାଯାଇ ପାରୁନାହିଁ। ସ୍ୱାଧୀନତାର ୨୬ ବର୍ଷ ପରେ ମଧ୍ୟ ସମାଜର ଗଣତାନ୍ତ୍ରିକରଣ କହିଲେ ଯାହା ବୁଝାଏ, ତାହା ହୋଇ ନାହିଁ। ଆମ

ଦେଶର ସ୍ୱାଧୀନତା ଆନ୍ଦୋଳନ ବିପ୍ଳବ ବିରୋଧୀ ଆପୋଷମୁଖୀ ଥିଲା। ମାତ୍ର ସ୍ୱାଧୀନତା ଆନ୍ଦୋଳନର ଏତେ ସବୁ ତ୍ରୁଟି ସତ୍ତ୍ୱେ ବି ତଦାନୀନ୍ତନ ପ୍ରଚଳିତ ଭାବଧାରାଗୁଡ଼ିକ ମଧ୍ୟରେ ଏବଂ ପ୍ରଚଳିତ ସାମାଜିକ-ରାଜନୈତିକ ଆନ୍ଦୋଳନଗୁଡ଼ିକ ମଧ୍ୟରେ ଏକ ଆପେକ୍ଷିକ ପ୍ରଗତିଶୀଳ ଭୂମିକା ଥିଲା ବୋଲି ଏହା ସଂସ୍ପର୍ଶରେ ଆସିଥିବା ଦେଶର କୁଜା ହୋଇ ଯାଇଥିବା, ଭଙ୍ଗା ମେରୁଦଣ୍ଡ ନେଇ ବାଙ୍କି ଯାଇଥିବା ଯୁବକମାନେ ମଧ୍ୟ ଅମିତ ତେଜରେ ଠିଆ ହୋଇ ପଡିଥିଲେ। ସେହି ସମୟରେ 'ପରୀକ୍ଷାରେ କପି କରିବାକୁ ଦେବାକୁ ହେବ', ଏଧରଣ ଅଦ୍‌ଭୁତ ଦାବି କେହି ଭାବି ପାରି ନଥିଲେ। ତାହେଲେ ସମାଜରେ, ବିରୁଦ୍ଧ ଆଦର୍ଶରେ ପରିଚାଳିତ ଆନ୍ଦୋଳନ ଶକ୍ତିର ଏକ ଭୂମିକା ନିଶ୍ଚିତଭାବେ ରହିଛି।

ତେଣୁ କଂଗ୍ରେସୀ ରାଜନୀତି ଓ ପୁଞ୍ଜିବାଦୀ ଶୋଷଣର ଅବଶ୍ୟମ୍ଭାବୀ ଫଳ ସ୍ୱରୂପ ପୁରୁଣା ଭାବନା-ଧାରଣା, ପରମ୍ପରା, ଚିନ୍ତା, ଐତିହ୍ୟବାଦ, ଜାତି, ଧର୍ମର ମାନସିକତା ଏ ଜାତିକୁ କୂପମଣ୍ଡୁକ କରି ଦେବା ପାଇଁ, ଏହାର ଅଧଃପତନ ଘଟାଇବା ପାଇଁ ଯେତେ ଚେଷ୍ଟା କରୁନା କାହିଁକି, କଂଗ୍ରେସ ବିରୋଧୀ ବାମପନ୍ଥୀ ଆନ୍ଦୋଳନ ଶକ୍ତିର ଆଦର୍ଶଗତ ଭିତ୍ତି ଯଦି ଶକ୍ତିଶାଳୀ ଥା'ନ୍ତା, ନୀତି-ନୈତିକତାର ଧାରଣା ଯଦି ଉଚ୍ଚ ଥାନ୍ତା, କେବଳମାତ୍ର କିଛି ଧାର କରା ବଡ଼ ବଡ଼ କଥା ଶୁଣା ଯାଇ ନଥାନ୍ତା, ତାହେଲେ ତାହା ଉପରେ ତ ଏକ ସଂଯମକାରୀ ପ୍ରଭାବ ନିଶ୍ଚୟ ପଡିଥାନ୍ତା। ତେଣୁ ମୁଁ ପ୍ରଶ୍ନ କରିଥିଲି, ପଶ୍ଚିମବଙ୍ଗରେ ଯେତେବେଳେ ଯୁବସମାଜ ମଧ୍ୟରେ ଯୁକ୍ତ ଫ୍ରଣ୍ଟ ସମର୍ଥକଙ୍କ ସଂଖ୍ୟା ପ୍ରବଳମାତ୍ରାରେ ବଢିଗଲା, ସେତେବେଳେ ଯୁବକମାନଙ୍କର ନୈତିକ ମାନର ଅଧୋଗତି ଉପରେ ଏହାର ତ ଏକ ପ୍ରଭାବ ପଡିବା କଥା। ସେଠି ତ ଏକ ସଂଯମ ଆସିବା କଥା। ବୁଝି ହେଉ ବା ନବୁଝି ହେଉ, ଏକ ମହତ ବିଷୟର ଚର୍ଚ୍ଚା କରିଚାଲିଲେ, ତା'ର ପ୍ରଭାବରେ ମଣିଷ କିଛି ମାତ୍ରାରେ ଉନ୍ନତ ହୁଏ। ତା ନହେଲେ ବୁଝିବାକୁ ହେବ, ସେମାନଙ୍କର ରାଜନୀତି ମଧ୍ୟରେ କେଉଁଠି ଏକ ବିରାଟ ତୃଟି ରହିଛି। କାରଣ ଏହି ରାଜନୀତିରେ ଦଳ ଦଳ ହୋଇ ଅନେକେ ଆସନ୍ତି, ଆସି ହିଁ ଅଣ୍ଟା ହଲାନ୍ତି, ଉଚ୍ଛୃଙ୍ଖଳ ହୁଅନ୍ତି, କାପୁରୁଷ ଭଳି ଆଚରଣ କରନ୍ତି, ମହାମାରି ଭଳି ହିଂସାର ଝୁଙ୍କ ବଢେ, ଦାୟିତ୍ୱବୋଧ ଚାଲିଯାଏ, କର୍ତ୍ତବ୍ୟ ପାଳନରେ ଅବହେଳା ବଢେ। ଏ କି କଥା! ସେମାନଙ୍କ ସଂସ୍ପର୍ଶରେ ଆସି ମଣିଷ ଯେମିତି ଲଢ଼େଇ କରିବାକୁ ଆସିବ, ସେମିତି କାପୁରୁଷୋଚିତ ଆଚରଣକୁ ଘୃଣା କରିବା ପାଇଁ ତ ଶିଖିବ, ସେମାନଙ୍କର ରାଜନୀତିର ସ୍ପର୍ଶ ମଣିଷକୁ ନୈତିକ ଅବନମନ ହାତରୁ ମୁକ୍ତ କରିବାକୁ ତ ସକ୍ଷମ ହେବ। କାଇଁ, ତାହା ତ ହେଉ ନାହିଁ! ତା ହେଲେ ? ତାହେଲେ କେଉଁଠି ଏକ ବିରାଟ ତୃଟି ଅଛି।

ସେହି ତ୍ରୁଟି ଆମେ ଦେଖାଇବାକୁ ଚେଷ୍ଟା କରୁଛୁ।

ଆମେ ସେଥିପାଇଁ କହୁଛୁ, ଖାଲି ପୁଞ୍ଜିବାଦକୁ ଦୋଷ ଦେଲେ ହେବ ନାହିଁ। ପୁଞ୍ଜିବାଦର ଏହି ଅବକ୍ଷୟକୁ ରୋକିବା ପାଇଁ ବିରୁଦ୍ଧ ଶକ୍ତିର ଭୂମିକା ମଧ୍ୟ ବିଚାର୍ଯ୍ୟ ବିଷୟ। କାରଣ, ଯା ବିରୁଦ୍ଧରେ ଲଢିବାକୁ ହେବ, ତା'ର ଚରିତ୍ର ତ ଉଦ୍‌ଘାଟିତ ହୋଇଯାଇଛି। ତେଣୁ ସଚେତନଭାବେ କଂଗ୍ରେସ ମଧ୍ୟ କୁହେ ନା ଯେ, ସେ ପୁଞ୍ଜିବାଦର ସେବା କରିବ। ଏକଥା ଖୋଲାଖୋଲିଭାବେ କହିବାକୁ ସେ ମଧ୍ୟ ଲଜ୍ଜାବୋଧ କରେ। ତାକୁ ମଧ୍ୟ ପରଦାର ଆଢୁଆଳରେ କହିବାକୁ ହୁଏ ଯେ, ସେ ସମାଜତନ୍ତ୍ର ଆଣିବ, ପୁଞ୍ଜିବାଦକୁ ଉଚ୍ଛେଦ କରିବ, ପୁଞ୍ଜିବାଦର ସେବା କରିବ ନାହିଁ। ଫଳରେ ଏପ୍ରକାର ପୁଞ୍ଜିବାଦ ବିରୁଦ୍ଧରେ ଘଣ୍ଟା ପରେ ଘଣ୍ଟା ବକ୍ତୃତା ଦେବା ଦରକାର ନାହିଁ। ଯଦିଓ ପୁଞ୍ଜିବାଦ ବିରୁଦ୍ଧରେ କେବଳମାତ୍ର ଉପର ଠାଉରିଆଭାବେ ପଦେ ଦୁଇ ପଦ କଥା ବୁଝିଲେ ଚଳିବ ନାହିଁ। ତାକୁ ଆଘାତ କରି ଧ୍ୱଂସ କରିବାକୁ ହେଲେ ତା' ସମ୍ପର୍କରେ କେତେଗୁଡ଼ିଏ କଥା ବୁଝିବାକୁ ହେବ। ସେ ସମ୍ପର୍କରେ ମଧ୍ୟ ମୁଁ କିଛି କଥା କହିବି।

ଯେଉଁ ପୁଞ୍ଜିବାଦୀ ଦଳ କଂଗ୍ରେସ ବିରୁଦ୍ଧରେ ଲୋକମାନେ ଆଜି କ୍ଷିପ୍ତ ହୋଇ ତାକୁ ହଟାଇବାକୁ ଚାହୁଁଛନ୍ତି ଏବଂ ଜନଗଣଙ୍କ ସ୍ୱାର୍ଥର ଅନୁକୂଳ ଏକ ରାଜସତ୍ତା କାୟେମ ହେବା ପ୍ରୟୋଜନ ବୋଲି ମନେକରୁଛନ୍ତି, ସେଠି ଯାହା ଦେଖିବା ଦରକାର ତା' ହେଲା, ଯେଉଁମାନେ ଏହା କରିବେ ବୋଲି କହୁଛନ୍ତି, ସେମାନଙ୍କର ରାସ୍ତା ସଠିକ କି ନୁହେଁ। ଅନେକେ ହିଁ ମୋତେ ପ୍ରଶ୍ନ କରନ୍ତି, 'ଅଧିକାଂଶ ସମୟରେ ଦେଖାଯାଏ, ଆପଣ ତ ସି.ପି.ଆଇ, ସି.ପି.ଆଇ(ଏମ୍) ପ୍ରଭୃତି ବାମପନ୍ଥୀମାନଙ୍କର ବେଶୀ ସମାଲୋଚନା କରନ୍ତି।' ମୁଁ କହେ, ହଁ କରେ ତ। ଏହି କାରଣରୁ କରେ ଯେ, କାହା ବିରୁଦ୍ଧରେ ଲଢ଼େଇ କରିବାକୁ ହେବ ମୋଟାମୋଟି ଭାବେ ନିଜର ଅଭିଜ୍ଞତାରୁ ଲୋକମାନେ ତାହା ବୁଝନ୍ତି। ମାତ୍ର ଲଢ଼େଇର ରାସ୍ତା କେଉଁ ପଥରେ ହେବ, ସେହି ପ୍ରଶ୍ନରେ ଏହି ଦଳମାନେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି।

ସ୍ୱାଧୀନତା ପରେ ଦେଶରେ କେତେ ଲଢେଇ ହେଲା। ଗୋଟିଏ ଦିଗରେ ଲଢେଇ କରି ମଣିଷ ମରୁଛି, କୁରବାନି ଦେଉଛି, ଅନ୍ୟଦିଗରେ ତା'ର କି ପ୍ରତିକ୍ରିୟା ହେଉଛି ? ହତାଶା ଆସୁଛି, ଆଉ ସାମୟିକ ସେହି ହତାଶାର ସୁଯୋଗ ନେଇ ପୁଞ୍ଜିବାଦ ଏବଂ ତାର ଶାସକ ଦଳ ଶକ୍ତିଶାଳୀ ହେଉଛି। କଂଗ୍ରେସ ଯେତେବେଳେ ଭାଙ୍ଗି ଦୁଇ ଫାଳ ହୋଇଗଲା, ସେତେବେଳେ ଯେଉଁ ବିରାଟ ଗଣପ୍ରବାହ ସମଗ୍ର ଭାରତବର୍ଷରେ ଆସିଥିଲା, ତାହାକୁ ସଠିକ ରାସ୍ତାରେ ସେମାନେ ପ୍ରବାହିତ କରି

ପାରିଲେ ନାହିଁ। ସୁତରାଂ, ଆନ୍ଦୋଳନ ସମ୍ମୁଖରେ ନେତୃତ୍ୱର ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ। ଖାଲି ଆନ୍ଦୋଳନ କଲେ ହେବ ନାହିଁ, ଖାଲି ବାମପନ୍ଥୀ ଐକ୍ୟର କଥା କହିଲେ ହେବ ନାହିଁ। ଐକ୍ୟ ତ ହୁଏ, ଐକ୍ୟ ରହେନା କାହିଁକି ? ଐକ୍ୟ କିଭଳି ରହି ପାରିବ ? ସେ ହିଁ ଐକ୍ୟ ରଖିବା ପାଇଁ ଚେଷ୍ଟା କରିବ, ଯିଏ ଯଥାର୍ଥରେ ବିପ୍ଳବ ଚାହେଁ, ପରିବର୍ତ୍ତନ ଚାହେଁ, ଲଢ଼େଇକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ନେଇ ଯିବାକୁ ଚାହେଁ। ମାତ୍ର ସେମାନେ 'ବିପ୍ଳବ' ନାଁରେ ଖେଳ କରନ୍ତି, ବିପ୍ଳବ କରିବାକୁ ଚାହାନ୍ତି ନାହିଁ।

ମୁଁ ବି ବିପ୍ଳବ କୁହେ, ସେମାନେ ମଧ୍ୟ ବିପ୍ଳବ କୁହନ୍ତି, ଅସଲିମାନେ ବି କୁହନ୍ତି, ନକଲି ବିପ୍ଳବୀମାନେ ମଧ୍ୟ କୁହନ୍ତି। ସମସ୍ତେ ହିଁ କୁହନ୍ତି, ସଂସଦୀୟ ରାଜନୀତିକୁ ବିପ୍ଳବ ନିମନ୍ତେ ବ୍ୟବହାର କରିବେ, ସେଥିପାଇଁ ସେମାନେ ସରକାରକୁ ଯାଆନ୍ତି। ବିଚାର ତ କରିବାକୁ ହେବ, କିଏ ଖାଲି କହୁଛି, ଆଉ କିଏ ପ୍ରକୃତରେ କରୁଛି ! କିଏ ପ୍ରକୃତରେ ବିପ୍ଳବ ଚାହେଁ, ଆଉ କିଏ ବିପ୍ଳବକୁ ବିକି ଭାଙ୍ଗି ଖାଇବାକୁ ଚାହେଁ ! ଜନସାଧାରଣଙ୍କ ମଧ୍ୟରେ ଏହି ପାର୍ଥକ୍ୟ ବୁଝିବା ଭଳି କ୍ଷମତା ତ ତିଆରି କରିବାକୁ ହେବ।

ଏସବୁ ବିଚାର କରିବା ସକାଶେ ନେତୃତ୍ୱର ପ୍ରଶ୍ନ ଆସି ଥାଏ। ତା' ହେଲା, ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱର ପ୍ରଶ୍ନ, ଜନଗଣଙ୍କ ଆନ୍ଦୋଳନର ନେତୃତ୍ୱର ପ୍ରଶ୍ନ। ତାହା ସଂସଦୀୟ ଗଣତନ୍ତ୍ରର ନେତୃତ୍ୱର ପ୍ରଶ୍ନ ନୁହେଁ। ସୁତରାଂ, ଏହି ଆନ୍ଦୋଳନଗୁଡ଼ିକ ସମ୍ମୁଖରେ ଏବଂ ଜନସାଧାରଣଙ୍କ ମଧ୍ୟରେ ଯେଉଁମାନେ ନାନା ଧରଣର ବିଭ୍ରାନ୍ତି ସୃଷ୍ଟି କରିଛନ୍ତି, ସେମାନଙ୍କ ସମ୍ପର୍କରେ ସ୍ୱାଭାବିକଭାବେ ହିଁ ସମାଲୋଚନା ଆସି ଯାଏ। ମୁଁ ସେମାନଙ୍କୁ ମଧ୍ୟ କୁହେ, ଆମର ରାଜନୀତି ସମ୍ପର୍କରେ ସମାଲୋଚନା କରନ୍ତୁ। କୁହେ, ରାଜନୀତିକୁ ନେଇ ସମାଲୋଚନା କରନ୍ତୁ, କିନ୍ତୁ ଗାଳିଗୁଳଜ କରନ୍ତୁ ନାହିଁ। ଯାହା ନୁହେଁ, ତାହା କୁହନ୍ତୁ ନାହିଁ। ଆମେ ଯାହା କହୁଛୁ, ସେହି କଥା ମଧ୍ୟରେ ଦେଖାଇ ଦିଅନ୍ତୁ, ଆମର କେଉଁଠି ଭୁଲ ଅଛି। ଯଦି ଭୁଲ ଥାଏ, ମାନି ନେବି। ଯଦି ନ ମାନେ, ଆମକୁ ସେମାନେ ପରିତ୍ୟାଗ କରିବେ, ଆଉ କୌଣସି କଥା ଶୁଣିବା ଦରକାର ନାହିଁ। ଆଉ ଆମେ ସେମାନଙ୍କ ରାଜନୀତି ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠାଇଛୁ, ସେମାନେ ତାହାର ଜବାବ ଦିଅନ୍ତୁ। ଯଦି ଜବାବ ଦେଇ ନପାରନ୍ତି, ତା'ହେଲେ ତାହା ମାନି ନିଅନ୍ତୁ।

ଆଉ ଐତିହ୍ୟର କଥା ଯଦି କୁହାଯାଏ, ମୁଁ ତ ମନେକରେ, ଭାରତବର୍ଷର ଐତିହ୍ୟର ସବୁଠାରୁ ଗର୍ବ କରିବା ଭଳି ଏକ ବଡ ବିଷୟ ରହିଛି। ତା' ହେଲା, ସୁଦୂର ଅତୀତ କାଳରୁ ସ୍ୱାଧୀନତା ଆନ୍ଦୋଳନର ପୂର୍ବ ପର୍ଯ୍ୟନ୍ତ ଭାରତବର୍ଷ ବହୁ ସମୟରେ ହିଁ ଜବରଦସ୍ତି ନିଜର ମତ ଅନ୍ୟ ଉପରେ ଚପାଇ ଦେଇ ନାହିଁ- ଯାହା

ୟୁରୋପରେ ବା ଅନ୍ୟ ଦେଶରେ ଏବଂ ଧର୍ମ ବିସ୍ତାର କ୍ଷେତ୍ରରେ ବହୁ ସମୟରେ ଘଟିଛି। ମାତ୍ର ଭାରତବର୍ଷରେ ସେହିଭଳି ପ୍ରାୟ ହୋଇ ନାହିଁ। ଗୋଟିଏ ମତ ଆଉ ଗୋଟିଏ ମତ ସହିତ ତର୍କ କରିଛି, ବିଚାର କରିଛି। ବିଚାରରେ ଯେଉଁ ପକ୍ଷ ହାରି ଯାଇଛି, ଅପର ପକ୍ଷକୁ ନିର୍ଦ୍ୱିଧାରେ ଆନନ୍ଦର ସହିତ ଗୁରୁ ବୋଲି ମାନି ନେଇଛି। ଶଙ୍କରାଚାର୍ଯ୍ୟଙ୍କ କାହାଣୀରେ ଦେଖନ୍ତୁ। ଶଙ୍କରାଚାର୍ଯ୍ୟ ସେତେବେଳେ ଯୁବକ। ଅନ୍ୟଦିଗରେ ମଣ୍ଡନ ମିଶ୍ର ବୟସରେ ବଡ ଏବଂ ସେହି ସମୟରେ ହିନ୍ଦୁ ସମାଜରେ ପ୍ରତିଷ୍ଠିତ ସୁପଣ୍ଡିତ। ଯେତେବେଳେ ଶଙ୍କରାଚାର୍ଯ୍ୟ ମଣ୍ଡନ ମିଶ୍ରଙ୍କ ସହିତ ଅଦ୍ୱୈତ ଦର୍ଶନ ନେଇ ଆଲୋଚନା କରିବାକୁ ଗଲେ, ମଣ୍ଡନ ମିଶ୍ରଙ୍କୁ ଶଙ୍କରାଚାର୍ଯ୍ୟ କହିଲେ, 'ଆପଣଙ୍କ ସ୍ତ୍ରୀ ଆଦିଭାରତୀ ବିଚାର କରିବେ।' ସମସ୍ତେ କହିଲେ, ସେ ତ ମଣ୍ଡନ ମିଶ୍ରଙ୍କ ସ୍ତ୍ରୀ। ଶଙ୍କରାଚାର୍ଯ୍ୟ କହିଲେ, 'ତା ହେଉ, ସେ ପଣ୍ଡିତ, ସୁବିଚାର କରିବେ।' ତର୍କ ହେଲା। ସ୍ତ୍ରୀ ରାୟ ଦେଲେ, ମଣ୍ଡନ ମିଶ୍ର ହାରିଗଲେ। ହିନ୍ଦୁ ସମାଜର ଏତେ ବଡ ଜଣେ ପ୍ରତିଷ୍ଠିତ ନେତା, ଯାହାଙ୍କ କଥାରେ ହିନ୍ଦୁ ସମାଜ ଚାଲୁଥିଲା, ସେହି ବ୍ୟକ୍ତି ହାରିଯିବା ସଙ୍ଗେ ସଙ୍ଗେ ଶଙ୍କରାଚାର୍ଯ୍ୟଙ୍କୁ ଗୁରୁଭାବେ ସ୍ୱୀକାର କରି ନେଲେ। ଏହା ତ ଭାରତବର୍ଷର ଐତିହ୍ୟ। କଂଗ୍ରେସ ଐତିହ୍ୟର କଥା କୁହେ। ବହୁ ଲୋକ ଐତିହ୍ୟର କଥା କୁହନ୍ତି। ଯଦି ଐତିହ୍ୟର କଥା କହୁଛ, ତାହେଲେ ରାସ୍ତା ଠିକ୍ କି ଭୁଲ ତାହା ନେଇ ଯୁକ୍ତିସଂଗତ ଆଲୋଚନା ହେଉ। ଯଦି ଯୁକ୍ତିସଙ୍ଗତ କଥା ହୁଏ, ଗ୍ରହଣ କରନ୍ତୁ। ଆଉ ତା' ନହେଲେ ବୁଝିବାକୁ ହେବ, ଭାରତୀୟ ଐତିହ୍ୟର କଥା କହିବା ଏକ ଚାଲାକି ମାତ୍ର, ଏକ ଛଳନା ମାତ୍ର। ଭାରତର ଗର୍ବ କଲା ଭଳି ଐତିହ୍ୟ ଆଉ କଣ ଅଛି ? ମୁଁ ଦେଖେ, ସୁଦୂର ଅତୀତରେ ଭାରତବର୍ଷର ବହୁ ବିଷୟରେ ଗୌରବ କରିବା ଭଳି କିଛି ଥିଲା। ତା'ପରଠାରୁ ଏକ ଅନ୍ଧକାର ଯୁଗ ଆସିଲା। ରାମମୋହନ ରାୟଙ୍କ ଠାରୁ ଆରମ୍ଭ କରି ସ୍ୱାଧୀନତା ଆନ୍ଦୋଳନ ପର୍ଯ୍ୟନ୍ତ ଆଉ ଏକ ଅଧ୍ୟାୟ ହେଲା ଯେଉଁଠି ଆମର ଗର୍ବ କରିବାର କିଛି ବିଷୟ ଥିଲା, ଯାହା ଚାଲିଯାଇଛି। ପୁଣି ଅନ୍ଧକାର। ଏହା ହିଁ ତ ଭାରତବର୍ଷ ! ତା'ହେଲେ ଭାରତୀୟ ପରମ୍ପରା ଓ ଐତିହ୍ୟର କଥା ଯଦି କହିବେ ତେବେ ଏହି ମାନସିକତାକୁ ତ ପ୍ରତିଫଳିତ କରିବାକୁ ହେବ। କାହିଁ ସେ ମାନସିକତା ? ତେଣୁ ଏହିସବୁ ବକ୍ତୃତା ଥାଉ। ସେମାନେ କେହି ଭାରତୀୟ ପରମ୍ପରା ଫରମ୍ପରା ନେଇ ମୁଣ୍ଡ ଖେଳାନ୍ତି ନାହିଁ, ଐତିହ୍ୟକୁ ନେଇ ମଧ୍ୟ ମୁଣ୍ଡ ଖେଳାନ୍ତି ନାହିଁ। ଆଉ ସେମାନଙ୍କର ଜ୍ଞାନ-ବିଦ୍ୟା-ବୁଦ୍ଧି ମଧ୍ୟ ଅନେକଙ୍କର ସମାନ। ସୁତରାଂ ଏସବୁ ବଡ ବଡ କଥା ଥାଉ। ଅସଲ କଥା ହେଉଛି, ଗୋଟିଏ ଦିଗରେ ଜନଗଣଙ୍କର ଅଜ୍ଞତା, କୁସଂସ୍କାର, ଅନ୍ୟଦିଗରେ ଦେଶପ୍ରେମ- ଗୋଟିଏ ସମାଜରେ ଯେଉଁଗୁଡ଼ିକ ଥାଏ, ସେମାନେ

ଏଗୁଡ଼ିକୁ କାମରେ ଲଗାଇ ପ୍ରଗତିର ଗଳାକୁ ଚିପି ଧରିବାକୁ ଚାହିଁଛନ୍ତି।

ଏହି ନୈତିକ-ସାଂସ୍କୃତିକ ଅଧଃପତନର ମୂଳ ଜାଗା ଧରିବାକୁ ହେଲେ ତିନୋଟି ମୁଖ୍ୟ ସମସ୍ୟା ବୁଝିବାକୁ ହେବ। ଗୋଟିଏ ହେଲା କ୍ରମବର୍ଦ୍ଧମାନ ବେକାର ସମସ୍ୟା। ଗୋଟିଏ ପରେ ଗୋଟିଏ ଯେତେ ପରିକଳ୍ପନା ହେଉଛି, ବେକାର ସଂଖ୍ୟା ଦିନ ପରେ ଦିନ ସେତେ ବଢି ଚାଲିଛି। ଭଣ୍ଡ ପଣ୍ଡିତମାନେ କୁହନ୍ତି, ଜନସଂଖ୍ୟା ବୃଦ୍ଧି ଯୋଗୁ ବେକାର ସମସ୍ୟା ବୃଦ୍ଧି ପାଉଛି। ନା, ବେକାର ସମସ୍ୟା ବୃଦ୍ଧିର କାରଣଟି ଏତେ ସହଜ ଓ ସରଳ ନୁହେଁ। ଦ୍ୱିତୀୟ ହେଉଛି, କୃଷିର ଆଧୁନିକୀକରଣ ଓ ଯାନ୍ତ୍ରିକରଣର ସମସ୍ୟା। ଗୋଟିଏ କଥା ମୁଁ ଆପଣମାନଙ୍କୁ କହିବାକୁ ଚାହେଁ, ଭାରତବର୍ଷ ଏକ କୃଷି ପ୍ରଧାନ ଦେଶ। ଆପଣମାନେ ସମସ୍ତେ ହିଁ ଜାଣନ୍ତି, ଦେଶର ଏହି ବିରାଟ ସଂଖ୍ୟକ ଜନଗଣଙ୍କ ମଧ୍ୟରେ ଶତକଡା ପଞ୍ଚସ୍ତରୀ ଜଣ ଲୋକ ଗ୍ରାମରେ ବାସ କରନ୍ତି। ଆଉ ଏହି ଗ୍ରାମୀଣ ଜନସଂଖ୍ୟାର ଶତକଡା ପଞ୍ଚସ୍ତରୀରୁ ଅଶି ଭାଗ ଲୋକ ପ୍ରାୟ ସର୍ବହରା, ଅର୍ଦ୍ଧ ସର୍ବହରା ସ୍ତରକୁ ଖସି ଆସିଛନ୍ତି। ଆପଣମାନଙ୍କୁ ଏକ ରକ୍ଷଣଶୀଳ ହିସାବ ଦେବି- ଯାହାକୁ ବିରୋଧ କରିବାର ଉପାୟ କାହାରି ନାହିଁ। ତା'ହେଲା ସମଗ୍ର ଭାରତବର୍ଷରେ ହାରାହାରି ହିସାବ ଅନୁଯାୟୀ କ୍ଷେତମଜଦୁର ବା ଭୂମିହୀନ ଚାଷୀଙ୍କ ସଂଖ୍ୟା ହେଲା ଗ୍ରାମୀଣ ଜନସଂଖ୍ୟାର ଶତକଡା ୫୧ ରୁ ୫୩ ଭାଗ। ଦ୍ୱିତୀୟଟି ହେଲା, ଏକ ଏକରରୁ ତିନି ଏକର ଜମି ଯେଉଁମାନଙ୍କର ଅଛି ସେମାନଙ୍କୁ ଆମେ ଗରିବ ଚାଷୀ କହୁ। ଏକ୍ଷେତ୍ରରେ ବିଭିନ୍ନ ରାଜ୍ୟରେ ସାମାନ୍ୟ ପାର୍ଥକ୍ୟ ଥାଏ। କ୍ଷେତମଜଦୁର ୫୩ ଶତାଂଶ ଏବଂ ଗରିବ ଚାଷୀଙ୍କ ସଂଖ୍ୟା ଯଦି ୧୩ ବା ୧୪ ଶତାଂଶ ହୁଏ, ତାହେଲେ ଏମାନଙ୍କର ଯୋଗଫଳ *୬୬* ଶତାଂଶରୁ *୬୭* ଶତାଂଶ ହେଉଛନ୍ତି ପ୍ରାୟ ସର୍ବହରା। ଗୋଟିଏ ପରିବାର ଏକ ଏକର ଜମି ଦ୍ୱାରା କଣ ଯେ କରି ପାରିବ, ତା' ଆପଣମାନେ ସମସ୍ତେ ହିଁ ବୁଝନ୍ତି। ଆଜିକାଲି ଏହି ଜମି କିଛି ନୁହେଁ, ସେଥିରେ ସେମିତି କିଛି ଚାଷବାସ ହୁଏନା।

ତାପରେ ବାକି ୧୫ ଶତାଂଶ ଗ୍ରାମୀଣ ଲୋକଙ୍କର ଜଳସେଚିତ-ଅଣ ଜଳସେଚିତ ଜମି ମିଶି ଏକ ଏକରରୁ ତିନି ଏକର ପର୍ଯ୍ୟନ୍ତ ଜମି ଅଛି। ଗୋଟିଏ ପରିବାରରେ ଏପରିକି ପ୍ରାୟ ପାଞ୍ଚ ଏକର ଅଣଜଳସେଚିତ ଜମି ଯଦି ବା ଥାଏ, ତା'ଦ୍ୱାରା ଆଜିକାର ଦିନରେ କଣ ବା ହେବ? ଯଦି ସାମାନ୍ୟ କିଛି ଖୁଆଇ ପିଆଇ ପୁଅ-ଝିଅକୁ ଭଦ୍ରଭାବେ ମଣିଷ କରିବାକୁ ହୁଏ, ସାମାନ୍ୟ ହେଲେ ବି ଶିକ୍ଷା ଦେବାକୁ ହୁଏ, ତାହା ଏହି ସ୍ୱଳ୍ପ ଜମି ବଳରେ କରିବା କଣ ସମ୍ଭବ? ଆଉ ଯେଉଁ ପରିବାରରେ ଖାଇବାର ଲୋକ ବେଶୀ- ହଜାର ପରିବାର ନିୟନ୍ତ୍ରଣ

ପରିକଳ୍ପନା କରିବା ସତ୍ତ୍ୱେ ବି ଗ୍ରାମର କୌଣସି ପରିବାରର ସଭ୍ୟ ସଂଖ୍ୟା ୫ ଜଣ ବା ୬ ଜଣରୁ କମ୍ ନୁହେଁ, ବରଂ ବେଶୀ– ସେମାନେ କଣ କରିବେ ? ସେମାନଙ୍କର କିଣିବାର କୌଣସି କ୍ଷମତା ନାହିଁ। ତା'ହେଲେ ୬୭ ଶତାଂଶ ଓ ୧୫ ଶତାଂଶ ମିଶି ହୋଇଥିବା ଏଦେଶର ଗ୍ରାମୀଣ ଜନସଂଖ୍ୟାର ମୋଟ ୮୨ ଶତାଂଶ ଲୋକଙ୍କର କିଣିବାର କୌଣସି କ୍ଷମତା ନାହିଁ। ସେମାନେ କୌଣସିମତେ ଦୈନିକ ଗୁଜୁରାଣ ମେଣ୍ଟାନ୍ତି। ଆଉ ଏହି ଯେ କହିଲି, ସେହି ୧୫ ଶତାଂଶରୁ ୫୩ ଶତାଂଶ ଜନସଂଖ୍ୟା ମଧ୍ୟରେ ଯେଉଁମାନେ କ୍ଷେତମଜଦୁର, ସେମାନେ ବର୍ଷ ସାରା କାମରେ ନିଯୁକ୍ତ ଥାନ୍ତି ବା ଯେଉଁ ଖଣ୍ଡେ ଜମି ଦିଆଯାଇଛି ତାହାକୁ ନେଇ ସାରା ବର୍ଷ ସେମାନେ ପଡି ରହିଥାନ୍ତି। ଏହିଭଳି କାମରେ ଯୁକ୍ତ ଥିବା ଲୋକଙ୍କ ସଂଖ୍ୟା ୩୨ ଶତାଂଶରୁ ବେଶୀ ନୁହେଁ। ବାକି ସମସ୍ତେ ଅସଂଗଠିତ ଶ୍ରମିକ। ସେମାନେ କେଉଁ କାମ କରନ୍ତି ? କେଉଁଠି କାମ କରନ୍ତି ? କେବେ ବୁଣିବା ସମୟରେ ବା ଫସଲ ଅମଳ କରିବା ସମୟରେ ଜମିରେ କାମ କରନ୍ତି। ବାକି ସମୟ ଘରର ଚାଳଛପର ତିଆରି କାମ କରନ୍ତି, କୁଲି ମଜୁରୀ କରନ୍ତି, ମାଟି ବୋହିବା କାମ କରନ୍ତି, ଇଟାଭାଟିରେ କାମ କରନ୍ତି। ଏହିଭଳି ଭାବେ ସେମାନେ ଜୀବନଯାପନ କରନ୍ତି। ଆଉ ଅର୍ଥନୀତି ଶାସ୍ତ୍ର ଅନୁଯାୟୀ କାହା ଭିତ୍ତିରେ କୌଣସି ଏକ ଦେଶକୁ ଉନ୍ନତ, ଅନୁନ୍ନତ ବା ବିକାଶଶୀଳ ଦେଶ କୁହାଯାଏ ? କେଉଁ ଦେଶରେ ଶିଳ୍ପ ଅର୍ଥନୀତିରେ କେତେ ଲୋକ ନିୟୋଜିତ ଏବଂ କୃଷି ଅର୍ଥନୀତିରେ କେତେ ଲୋକ ନିୟୋଜିତ ତାହାରି ଭିତ୍ତିରେ କୁହାଯାଏ। ଯେଉଁ ଦେଶରେ କୃଷି ଅର୍ଥନୀତିରେ ବେଶୀ ଲୋକ ନିୟୋଜିତ ଥାନ୍ତି, ସେହି ଦେଶକୁ ପଛୁଆ ବା ଅନୁନ୍ନତ ଦେଶ କୁହାଯାଏ। ଯେଉଁ ଦେଶରେ ଶିଳ୍ପରେ ବେଶୀ ଲୋକ ନିୟୋଜିତ ଥାନ୍ତି, ସେହି ଦେଶକୁ ଉନ୍ନତ ବା ବିକାଶଶୀଳ ଦେଶ କୁହାଯାଏ। ଭାରତବର୍ଷକୁ କୁଆଡେ ବିକାଶଶୀଳ ଦେଶ କରିବା ପାଇଁ ଚେଷ୍ଟା ହେଉଛି।

ଭାରତବର୍ଷର ଶାସକ ଦଳର ଭୂମି ସଂସ୍କାର ନୀତି ଉପରେ ଆଲୋଚନା କରି ଦେଖନ୍ତୁ। ଦେଖିବେ, ତାହା ଏକ ଷଡଯନ୍ତ୍ରପୂର୍ଣ୍ଣ ପରିକଳ୍ପନା– ଯେଉଁ ପରିକଳ୍ପନାରେ ସେମାନେ କୃଷିରେ ବ୍ୟାପକ ଯାନ୍ତ୍ରିକରଣ ଓ ବୈଜ୍ଞାନିକୀକରଣ କରିବାକୁ ଚାହାନ୍ତି ନାହିଁ। ଅଥଚ ଏହା ନକରି ପାରିଲେ, କୃଷି ଅର୍ଥନୀତିର ଉନ୍ନତି ହୋଇ ପାରେନା, ଗାଁକୁ ବିଦ୍ୟୁତ୍ ଯାଇ ପାରେନା, ଗ୍ରାମୀଣ ଲୋକଙ୍କର ଆର୍ଥିକ ଜୀବନ ଉନ୍ନତ ହୋଇ ପାରେନା। ମାତ୍ର ସେମାନେ ତାହା କରୁ ନାହାନ୍ତି। ଏହାର କାରଣ ହେଲା, ଯେଉଁଠି ଏବେ ବି ପୁଞ୍ଜିବାଦୀ ବ୍ୟବସ୍ଥାରେ ଗାଁମାନଙ୍କରେ ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ବେକାର ହୋଇ କାମ ପାଇବା ନିମନ୍ତେ ସହରକୁ ଛୁଟୁଛନ୍ତି,

ସେତେବେଳେ ଯଦି ସେମାନେ ସର୍ବତ୍ର ବ୍ୟାପକ ମେସିନ୍-ଟ୍ରାକ୍ଟର ଓ ଅନ୍ୟାନ୍ୟ ଆଧୁନିକ ଉପାୟରେ କୃଷି କାର୍ଯ୍ୟ ଆରମ୍ଭ କରନ୍ତି, ତାହେଲେ ଗୋଟିଏ ଧକ୍କାରେ ଗ୍ରାମର କୋଟି କୋଟି ଲୋକ ବେକାର ହୋଇଯିବେ। ସେହି ଲୋକମାନଙ୍କୁ ସେମାନେ କେଉଁଠି କାମ ଦେବେ ? ତେଣୁ ବେକାର ସମସ୍ୟାର ଚାପରୁ ପୁଞ୍ଜିବାଦକୁ ରକ୍ଷା କରିବା ସକାଶେ ନାନା ତୁଟୁକା, କବିରାଜୀ ବ୍ୟବସ୍ଥା ଚାଲୁଛି। ତାଇଚୁଂ ଚାଷ କରି, ଆଇ-ଆର-ଏଇଟ ଚାଷ କରି, ଖଣ୍ଡେ ଖଣ୍ଡେ ଜମିରେ କେତେ ପ୍ରକାର ମ୍ୟାଜିକ କରି, ହାକିମି- କବିରାଜି କରି ଭେଲିକି ଦେଖାଇ କେମିତି ଫସଲ ବେଶୀ ଫଳା ଯାଇପାରେ, ତାହାରି ଚେଷ୍ଟା ଚାଲିଛି। ଦେଶର ଅଧିକାଂଶ ଲୋକଙ୍କୁ ଖଣ୍ଡିଏ ଖଣ୍ଡିଏ ଜମିରେ ବାନ୍ଧି ରଖିବା ପାଇଁ ଯେଉଁମାନେ ଭୂମି ସଂସ୍କାରର ପରିକଳ୍ପନା କରୁଛନ୍ତି, ସେମାନେ ପୁଣି ଏହା ସହିତ କହୁଛନ୍ତି ଯେ ସେମାନେ ବିକାଶଶୀଳ ଦେଶ ହେବାକୁ ଚାହାନ୍ତି। ସମସ୍ତେ ଜାଣନ୍ତି, ୟୁରୋପ, ଆମେରିକାର ଜଣେ ଶ୍ରମିକ ଅଲଗା ଗାଧୁଆ ଘର, ଅଲଗା ଖାଇବା ଘର, ଘରେ ପର୍ଦା, ଟେବୁଲ ନ ରହିବାକୁ ମଣିଷ ତୁଲ୍ୟ ଜୀବନ ମନେକରନ୍ତି ନାହିଁ। ଆଉ ଆମ ଦେଶରେ ଯଦି ଗୋଟିଏ ଝୁମ୍ପୁଡ଼ି ଘର ମିଳିଯାଏ, ବାହା ହେବାକୁ ଝିଅଟିଏ ଯୋଗାଡ ହୋଇଯାଏ, ଆଉ ଦୁଇ ଓଳି ପଖାଳ ଗଣ୍ଡେ ମିଳିଯାଏ, ତାହେଲେ ଆମ ଦେଶର ଲୋକେ ମନେକରନ୍ତି, ଚାଷୀମାନେ ମଧ୍ୟ ମନେକରନ୍ତି, ଆମେ ମହା ସୁଖରେ ଅଛୁ ! ଆଉ ଏତେ ଝଞ୍ଜଟର ଦରକାର କଣ ? ହରିନାମ ସଂକୀର୍ତ୍ତନ କରିବାକୁ ସେମାନେ ବସି ଯାଆନ୍ତି। ମାତ୍ର ଆମେରିକାର ଜଣେ ଶ୍ରମିକ ଏହା ଚିନ୍ତା କରି ପାରେନା। ଏଠି ଯେମିତି ପଖାଳ ଭାତ ଗଣ୍ଡେ ନମିଳିଲେ, ଝୁମ୍ପୁଡ଼ି ଘର ଗୋଟେ ନହେଲେ ଜଣେ ମନେକରେ ଏହା ତାର ଅଭାବ, ସେମିତି ଗାଧୁଆ ଘରେ ଶୋଇ ଶୋଇ ଗାଧୋଇବା ଭଳି ଜାଗା ନମିଳିଲେ, ଦୁଇଟା ଚେୟାର, ଅଲଗାଭାବେ ଖାଇବାର ଜାଗା, ଆଉ ପୋଷାକ ପିନ୍ଧିବା ପାଇଁ ଅଲଗା ଘରର ବ୍ୟବସ୍ଥା ନଥିଲେ ଆମେରିକାର ଶ୍ରମିକ ମନେକରେ ଏହା ମଧ୍ୟ ତା'ପାଇଁ ପଖାଳ ଭାତ ନମିଳିବା ଭଳି ଅଭାବ। ଫଳରେ ସେ ବାରୁଦ ଭଳି ଫାଟି ପଡିବ। ସେ ମନେକରିବ, ତା'ର ଜୀବନ ମନୁଷ୍ୟତୁଲ୍ୟ ନୁହେଁ।

ମୁଁ ଏଥିପାଇଁ ଏହା ବ୍ୟାଖ୍ୟା କଲି ଯେ, ଅଭାବର ତୁଳନା କଲାବେଳେ ଯେମିତି ଭୁଲ ଧାରଣା ସୃଷ୍ଟି ନହୁଏ। ଅର୍ଥାତ୍ କହିବା ଭଲ ଆମେରିକା, ଜାପାନରେ ଶ୍ରମିକମାନେ ଏତେ ଟଙ୍କା ଦରମା ପାଆନ୍ତି, ସେମାନେ ଏତେ ଭଲରେ ଅଛନ୍ତି, ସୁତରାଂ ସେମାନଙ୍କର ଅଭାବ ତ ଆମ ଭଳି ନୁହେଁ, ଏଭଳି ଭାବେ ବିଷୟଟିକୁ କହି ଯେମିତି ଗୋଳମାଳିଆ କରା ନଯାଏ। ଅସଲ କଥା ହେଲା, ସେମାନଙ୍କ ଦେଶରେ ମଧ୍ୟ ଅଭାବବୋଧ ବୃଦ୍ଧି ପାଉଛି, ପ୍ରୟୋଜନବୋଧ ବଢୁଛି। ସୁତରାଂ

ଯାହା ଏଦେଶର ଲୋକଙ୍କର ସର୍ବନିମ୍ନ ପ୍ରୟୋଜନବୋଧ, ସେହି ମାପକାଠିରେ ସେ ଯାହା ପାଇବ, ଏହିସବୁ ଦେଶମାନଙ୍କର ସମାଜ ଜୀବନରେ ସର୍ବନିମ୍ନ ପ୍ରୟୋଜନବୋଧ ତାହା ନୁହେଁ। ସେମାନଙ୍କର ସର୍ବନିମ୍ନ ପ୍ରୟୋଜନବୋଧ ଯାହା, ସେହି ମାପକାଠିରେ ସେଠି ମଧ୍ୟ ଲୋକଙ୍କର କ୍ରୟ କ୍ଷମତା ପୁଞ୍ଜିବାଦୀ ଶୋଷଣ ଯୋଗୁ ପ୍ରତିଦିନ ହ୍ରାସ ପାଉଛି। ଆଉ ତା' ଫଳରେ ପୁଞ୍ଜିବାଦୀ ବଜାରର କୃତ୍ରିମ ତେଜିଭାବ ବଜାୟ ରଖିବା ନିମନ୍ତେ ସେମାନଙ୍କର ଅର୍ଥନୀତିର ସାମରିକୀକରଣ ଦରକାର ହେଉଛି। ଆମେରିକାର ଅର୍ଥନୀତିବିଦ୍‌ମାନେ ଏବଂ ଆଇଜେନ୍ ହାଓୟାର ରାଷ୍ଟ୍ରପତି ଥିବା ସମୟରେ ଏହି ସାମରିକୀକରଣ ସମ୍ପର୍କରେ କହିଥିଲେ ଯେ, ସେମାନଙ୍କର ଶାସନର ଭିତ୍ତି ହେଉଛି ଶିଳ୍ପର ସାମରିକୀକରଣ ବା Militarization of Industry। ଭାରତବର୍ଷର ପ୍ରତିରକ୍ଷା ମନ୍ତ୍ରୀଙ୍କ କଣ୍ଠରେ ମଧ୍ୟ ସେହି ସ୍ୱର ଶୁଣିବାକୁ ପାଉ। ଭାରତବର୍ଷ ତ ଆମେରିକା ଭଳି ପ୍ରାଚୁର୍ଯ୍ୟପୂର୍ଣ୍ଣ ସମାଜ ନୁହେଁ। ଏଠି ତ ଅର୍ଥନୈତିକ ବିକାଶର ଅନେକ କିଛି ବାକି ରହିଯାଇଛି। ତଥାପି ଭାରତରେ ପ୍ରତି ବର୍ଷ ପ୍ରତିରକ୍ଷା ବଜେଟ୍ ବଢେଇବାକୁ ପଡୁଛି। ପାର୍ଲିଆମେଣ୍ଟରେ ବାମପନ୍ଥୀ ସାଂସଦମାନେ ତ ଭିଡ କରି ବସିଛନ୍ତି। ପ୍ରକୃତରେ ସବୁ ଲୋକଦେଖାଣିଆ। ପାର୍ଲିଆମେଣ୍ଟର ବିଭିନ୍ନ ବିଭାଗରେ ଅର୍ଥାତ୍ ଅମୁକ ଦପ୍ତରରେ ସି.ପି.ଆଇ, ଅମୁକ ଦପ୍ତରରେ ସି.ପି.ଆଇ(ଏମ୍), ତମୁକ ଦପ୍ତରରେ ସୋସାଲିଷ୍ଟମାନେ ଅଛନ୍ତି- ତଥାପି କେହି ପ୍ରଶ୍ନ କରନ୍ତି ନାହିଁ ଯେ, ଯେଉଁମାନେ ଦେଶର ଲୋକଙ୍କୁ ଖାଇବାକୁ ଦେଇ ପାରନ୍ତି ନାହିଁ, ଶିକ୍ଷାର ବନ୍ଦୋବସ୍ତ କରିପାରନ୍ତି ନାହିଁ, ଯେଉଁଠି ଅର୍ଦ୍ଧାହାର-ଅନାହାରରେ ଅଧିକାଂଶ ଲୋକ କାଳାତିପାତ କରନ୍ତି, ସେଠି ପ୍ରତିବର୍ଷ ମିଲିଟାରୀ ବଜେଟ୍ କାହିଁକି ବଢିବ ? ଏହାଦ୍ୱାରା ସେମାନଙ୍କର ଲଜ୍ଜା ନହେଲେ ମଧ୍ୟ ଆମର ହୁଏ। ଛବିଶ ବର୍ଷର ସ୍ୱାଧୀନତା ପରେ ବି ମଣିଷ ଜନ୍ତୁ ଜାନୁଆର ଭଳି ରାସ୍ତା-ଘାଟରେ ଜୀବନଯାପନ କରେ। ଏଥିରେ ଗର୍ବ କରିବାର କିଛି ନାହିଁ। ଏହିଭଳିଭାବେ ମଣିଷ ଜନ୍ତୁ ଜାନୁଆର ଭଳି ଜୀବନଯାପନ କରିବା ପାଇଁ ସଭ୍ୟତା ଗଢି ଉଠି ନାହିଁ। ସେଥିପାଇଁ ମଣିଷ ଜ୍ଞାନ-ବିଜ୍ଞାନର ସାଧନା କରୁ ନାହିଁ, ମଣିଷର ଜୀବନକୁ ଉନ୍ନତ କରିବା ପାଇଁ ହିଁ ତାହା କରୁଛି।

ଏହିଭଳି ଏକ ଅଭାବଗ୍ରସ୍ତ ଦେଶ, ଯେଉଁଠି ଜଣେ ଲୋକର ହାରାହାରି ରୋଜଗାର 'ଛ ଅଣା', ସେହି ଦେଶରେ ଦିନ ପରେ ଦିନ ମିଲିଟାରୀ ବଜେଟ୍ ବଢାଇବାକୁ ହୁଏ। ଯଦି ପ୍ରତିରକ୍ଷା ମନ୍ତ୍ରୀ କହିଥାନ୍ତେ ଯେ, 'କଣ କରିବୁ, ଅଭାବଗ୍ରସ୍ତ ଦେଶ, ଶତ୍ରୁ ଆମକୁ ଆକ୍ରମଣ କରୁଛି। ଦେଶକୁ ରକ୍ଷା କରିବାକୁ ହେବ ଏବଂ ସେଥିସକାଶେ ଦରକାର ହେଲେ ଆମକୁ କ୍ଷୟକ୍ଷତି ଓ ତ୍ୟାଗ ସ୍ୱୀକାର କରିବାକୁ

ହେବ। ନଖାଇ ରହିଲେ ବି ଏହି ଅପଚୟ ନକରିବାର ଉପାୟ ନାହିଁ- ତାହେଲେ ହୁଏତ ବୁଝିଥାନ୍ତି। ମାତ୍ର ସେ କଣ ଉତ୍ତର ଦେଲେ ? ଉତ୍ତରଟିକୁ ଲକ୍ଷ କରନ୍ତୁ। ସେ କହିଲେ, 'ପ୍ରତିରକ୍ଷା ଶିଳ୍ପ, ମିଲିଟାରୀ ବଜେଟ୍ ଆମ ଦେଶର ଅର୍ଥନୀତିର ଅବିଚ୍ଛେଦ୍ୟ ଅଙ୍ଗ।' ଏହାର ଅର୍ଥ କଣ ? ସରକାର ଦେଶର ଜନଗଣଙ୍କର ବଜେଟ୍ ଟଙ୍କାରେ ସାମରିକ ସାଜ-ସରଞ୍ଜାମ, ଅସ୍ତ୍ରଶସ୍ତ୍ର ତିଆରି କରିବେ, ନିଜେ ହିଁ ପୁଣି କ୍ରେତା ହୋଇ ସେଗୁଡ଼ିକୁ କିଣିବେ। ଇଞ୍ଜିନୟରିଂ ଶିଳ୍ପଗୁଡ଼ିକରେ ଯଦି ସରକାର ସବ୍‌ସିଡି ନଦିଅନ୍ତି, ସେଠୁ ଏକ ନିର୍ଦ୍ଦିଷ୍ଟ ପରିମାଣର ମାଲପତ୍ର ନକିଣନ୍ତି, ତାହେଲେ ଇଞ୍ଜିନିୟରିଂ କମ୍ପାନୀମାନେ ଲାଲବତୀ ଜଳାଇବେ। ସୁତରାଂ, ଇଞ୍ଜିନିୟରିଂ କମ୍ପାନୀଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ସରକାର ନିଜେ ହିଁ ଅର୍ଡର ଦିଅନ୍ତି, ନିଜେ ହିଁ କିଣନ୍ତି। ତେଣୁ ପ୍ରତିରକ୍ଷା ବିଭାଗରେ ବିଭିନ୍ନ ଖର୍ଚ୍ଚ ଦିନ ପରେ ଦିନ ବଢାଯାଉଛି। ଏସମ୍ପର୍କରେ ଜନସାଧାରଣଙ୍କ ଆଖି କାଳେ ଖୋଲିଯିବ, ସେଥିପାଇଁ ମଝିରେ ମଝିରେ 'ଦେଶ ବିପନ୍ନ' ବୋଲି ଚିତ୍କାର କରିବାକୁ ହେଉଛି।

ପ୍ରକୃତ କଥା ହେଉଛି, ଦେଶରେ ତୀବ୍ର ଅର୍ଥନୈତିକ ସଂକଟ ଚାଲୁଛି, ଯେଉଁ ସଂକଟ ଫଳରେ ଗ୍ରାମର ୮୨ ଶତାଂଶ ଲୋକ ଅର୍ଦ୍ଧଭୁକ୍ତ, ଅର୍ଦ୍ଧନଗ୍ନ, ଯେଉଁମାନଙ୍କର କିଣିବାର କୌଣସି କ୍ଷମତା ନାହିଁ। ତାହାଲେ ବଜାର ସମ୍ପ୍ରସାରଣ କିଭଳି ହେବ ? ସହରରେ ବେକାରୀ ସମସ୍ୟା ଯେଉଁ ହାରରେ ବୃଦ୍ଧି ପାଉଛି, ସେଠି ମଧ୍ୟ ସେମାନଙ୍କର କିଣିବାର କ୍ଷମତା ନାହିଁ। ଚାକିରୀଜୀବୀ ମାନଙ୍କର ମାସକୁ ହୁଏତ ଟଙ୍କାର ପରିମାଣ କିଛିଟା ବଢ଼ିଛି, କିନ୍ତୁ, ମୂଲ୍ୟ ସୂଚକ ଯେଉଁ ଅନୁପାତରେ ବୃଦ୍ଧି ପାଇଛି, ଜିନିଷପତ୍ରର ଦାମ ଯେଉଁ ଅନୁପାତରେ ବୃଦ୍ଧି ପାଇଛି, ତାହା ହିସାବକୁ ନେଲେ ପ୍ରକୃତ ଆୟ କମି ଯାଇଛି। ଫଳରେ ପୂର୍ବରୁ କମ ଦରମା ସତ୍ତ୍ୱେ ବି ଯେଉଁ କ୍ରୟ କ୍ଷମତା ଥିଲା, ବର୍ତ୍ତମାନ ବେଶି ଦରମା ପାଇଲେ ମଧ୍ୟ  ସେହି କ୍ରୟ କ୍ଷମତା କମିଯାଇଛି। କେବଳମାତ୍ର ବଡ ବଡ ବ୍ୟବସାୟୀ, ସରକାରୀ ଅଫିସର, ଅମଲା, ମିଲିଟାରୀ ଅଫିସର ଆଉ ରାଜନୈତିକ ଦଳର ନେତା ଏବଂ ୱାଗନ ବ୍ରେକର ଦଳର ଯୁବକମାନଙ୍କର କ୍ରୟ କ୍ଷମତା ବଢିଛି। ଆଉ କଣ କାହାର କ୍ରୟ କ୍ଷମତା ବଢିଛି ? ତାହେଲେ ଏଭଳି ଦେଶରେ ପୁଞ୍ଜିବାଦୀ ବଜାର ସମ୍ପ୍ରସାରଣ କିପରି ହେବ ? ପୁଞ୍ଜିର ବିନିଯୋଗ କିପରି ହେବ ?

ସେମାନେ କହୁଛନ୍ତି, ଶିଳ୍ପର ବିକାଶ ଯେତିକି ହେଉଛି, ପୁଞ୍ଜିର ଅଭାବରୁ ତା'ଠୁ ଆଉ ବେଶୀ ହୋଇ ପାରୁ ନାହିଁ। କାରଣ ପୁଞ୍ଜି ନାହିଁ, ପୁଞ୍ଜି ଅଳ୍ପ ଅଛି। ତେଣୁ ଭିକ୍ଷା ଥାଳ ଧରି ଦେଶେ ଦେଶେ ଘୁରି ବୁଲିବାକୁ ପଡୁଛି।  ହଁ, ଏକଥା ସତ୍ୟ ବୋଲି ମାନି ନେଇଥାନ୍ତି, ଯଦି ଦେଖିଥାନ୍ତି ଯେ, ଅର୍ଥନୀତିର ସ୍ୱାଭାବିକ ନିୟମରେ ଶିଳ୍ପରୁ

ଯେଉଁ ପୁଞ୍ଜି ସୃଷ୍ଟି ହେଉଛି, କୃଷି ଅର୍ଥନୀତିରୁ ଯେଉଁ ପୁଞ୍ଜି ସୃଷ୍ଟି ହେଉଛି, ବ୍ୟବସାୟ-ବାଣିଜ୍ୟରୁ ଯେଉଁ ପୁଞ୍ଜି ସୃଷ୍ଟି ହେଉଛି, ସେମାନେ ସେହି ପୁଞ୍ଜିକୁ ଦେଶର ଶିଳ୍ପ କ୍ଷେତ୍ରରେ ବିନିଯୋଗ କରୁଛନ୍ତି। ଏକ୍ଷେତ୍ରରେ ସେମାନଙ୍କର କୌଣସି ଉଦ୍ୟୋଗ ଅଛି ନା, ପୁଞ୍ଜି ଜମି ରହୁଛି ? ଜମି ରହିଥିବା, ପଡି ରହିଥିବା ପୁଞ୍ଜି ବିନିଯୋଗ କରିବା ପରେ ଯଦି ପୁଞ୍ଜିର ଅଭାବ ହୁଅନ୍ତା, ସେତେବେଳେ ବୁଝିଥାନ୍ତି, ପ୍ରକୃତରେ ପୁଞ୍ଜିର ପ୍ରୟୋଜନ ଅଛି। କିନ୍ତୁ କଥାଟି ଅସତ୍ୟ, ମିଥ୍ୟା। ଗୋଟିଏ ଦିଗରେ ଦେଶକୁ ଭିକ୍ଷୁକ ବନାଉଛନ୍ତି, ଆଉ ଅନ୍ୟ ଦିଗରେ ମିଥ୍ୟା କଥା କହୁଛନ୍ତି। ଦେଶର ଅଭ୍ୟନ୍ତରରେ ଯେତିକି ପୁଞ୍ଜି ସୃଷ୍ଟି ହେଉଛି, କାହିଁକି ତାହା ଦେଶର ଶିଳ୍ପ କାରଖାନାରେ ବ୍ୟବହାର ହେଉ ନାହିଁ। ଏହି ପୁଞ୍ଜି ଜମି ରହୁଛି କାହିଁକି ? ଏହା ଦ୍ୱିତୀୟ ପ୍ରଶ୍ନ। ତୃତୀୟ ପ୍ରଶ୍ନ ହେଉଛି, ସେମାନେ କହୁଛନ୍ତି, ଶିଳ୍ପରେ ଅଶାନ୍ତି ସକାଶେ, ଧର୍ମଘଟ ଯୋଗୁ ଉତ୍ପାଦନ କମ ହୁଏ। ସେମାନଙ୍କ କଥାକୁ ହୁଏତ ଯୁକ୍ତି ଖାତିରରେ ମାନି ନେଲି, ମାତ୍ର ଯେତେବେଳେ ଧର୍ମଘଟ ହୁଏ ନାହିଁ, ଯେତେବେଳେ ଶିଳ୍ପରେ ଶାନ୍ତି ଥାଏ- ସେତେବେଳେ ବି ଦୁର୍ଗାପୁର, ଭିଲାଇ, ରାଉରକେଲାର ଇଞ୍ଜିନିୟରିଂ କାରଖାନାଗୁଡ଼ିକରେ ଏବଂ ବିଭିନ୍ନ ସଂସ୍ଥାରେ ଯେଉଁ ଉତ୍ପାଦନ କ୍ଷମତା ରହିଛି, ସେ ଯେତିକି ଉତ୍ପାଦନ କରି ପାରେ, ତାର ସମ୍ପୂର୍ଣ୍ଣ ସଦ୍‌ବ୍ୟବହାର ହୁଏ କି ? ଶିଳ୍ପରେ ଶାନ୍ତି ଥିବା ସମୟରେ ମଧ୍ୟ ତା' ହୁଏ ନାହିଁ। ଶିଳ୍ପ କାରଖାନାଗୁଡିକରେ ଉତ୍ପାଦନ କ୍ଷମତାର କାହିଁକି ସଦ୍‌ବ୍ୟବହାର ହୁଏନା ? ସେତେବେଳେ ତ ଧର୍ମଘଟ କରି ଶ୍ରମିକମାନେ ବସି ନଥାନ୍ତି। ତାହେଲେ କଣ ପାଇଁ ଉତ୍ପାଦନ କ୍ଷମତା ବ୍ୟବହାର କରାଯାଉ ନାହିଁ ? ମାଲ ତିଆରି କଲେ କିଣିବ କିଏ ? ବିକ୍ରି ନହେଲେ ମାଲ ଗଦା ହୋଇ ରହିବ, ଲେ-ଅଫ୍ ହେବ। କିଭଳି ଲେ-ଅଫ୍ ହୁଏ ? ଯେତେବେଳେ କୌଣସି ଏକ ବିକାଶଶୀଳ ଦେଶ ଶିଳ୍ପୋଦ୍ୟୋଗ ପଥରେ ପାଦ ବଢାଉଛି, ସେତେବେଳେ ତ ସେ କ୍ରମାଗତଭାବେ ଶିଳ୍ପ କାରଖାନା ପ୍ରତିଷ୍ଠା କରିବ। ଏହି ରାସ୍ତା ଯଦି ଖୋଲା ଥାଏ, ତାହେଲେ କୌଣସି ଦିନ ସେହି ଦେଶରେ ଲେ-ଅଫ୍ ହୁଏ ନାହିଁ। ସେଦେଶରେ ତ ଆହୁରି ଶ୍ରମିକ ଦରକାର ହେବ। ଉତ୍ପାଦନ କ୍ଷମତାକୁ କାମରେ ଲଗାଇଲେ ଲେ-ଅଫ୍‌ର ତ କୌଣସି ପ୍ରଶ୍ନ ଉଠି ପାରେ ନା। ଅଥଚ, ଧର୍ମଘଟକାରୀ ଶ୍ରମିକମାନଙ୍କ ଉପରେ ଉତ୍ପାଦନ ନହେବାର ଦାୟଦାୟିତ୍ୱ ସେମାନେ ଚପାଇ ଦିଅନ୍ତି। କାହାକୁ ମୁର୍ଖ କୁହାଯାଏ ? ମୁର୍ଖର ଅଶେଷ ଦୋଷ। ସେହି ମୁର୍ଖତା ରାଜନୀତିବିଦ୍‌କୁ ହେଉ ବା ସେହି ମୁର୍ଖତା ଜନସାଧାରଣଙ୍କୁ ଗ୍ରାସ କରୁ- ସବୁ ହିଁ ସମାନ। ତାର ଫଳ ଜନସାଧାରଣଙ୍କୁ ଭୋଗ କରିବାକୁ ହିଁ ହେବ, ଦେଶକୁ ଭୋଗ କରିବାକୁ ହିଁ ହେବ।

ତାହେଲେ ଅସଲ କଥାଟି କଣ ? ଶିଳ୍ପର ବିକାଶ ଯେ ହେଉ ନାହିଁ, ତାର

କାରଣ ତ ପୁଞ୍ଜିର ଅଭାବ ନୁହେଁ। ତାର କାରଣ ହେଲା, ବଜାର ସଂକୋଚନ। ବଜାର ସଂକୋଚନ ହେଉଛି କାହିଁକି ? କାରଣ ଜନସାଧାରଣଙ୍କର କ୍ରମ କ୍ଷମତା କ୍ରମାଗତ କମୁଛି। କାହିଁକି କମୁଛି ? କାରଣ, ଗ୍ରାମର ଅଧିକାଂଶ ଲୋକ ଅର୍ଦ୍ଧଭୁକ୍ତ, ଅର୍ଦ୍ଧନଗ୍ନ ହୋଇ ରହିଛନ୍ତି। କାହିଁକି ରହିଛନ୍ତି ? କାରଣ, କୃଷିର ଆଧୁନିକୀକରଣ ହୋଇ ନାହିଁ ଏବଂ ସର୍ବନିମ୍ନ ପ୍ରୟୋଜନର ଭିତ୍ତିରେ ଉଦ୍‌ବୃତ୍ତ ଗ୍ରାମୀଣ ମଜୁରିଆ ମାନଙ୍କୁ ବର୍ଷସାରା କାମ ଦେବାର ବ୍ୟବସ୍ଥା ହୋଇ ନାହିଁ। ତା'ହେଲେ ଜନସାଧାରଣଙ୍କର କ୍ରୟ କ୍ଷମତା କେଉଁଠୁ ଆସିବ ? ବଜାର ସମ୍ପ୍ରସାରଣ କିପରି ହେବ ? ଆଉ ବଜାର ସମ୍ପ୍ରସାରଣ ନହେଲେ ପୁଞ୍ଜି ବିନିଯୋଗର ଉଦ୍ୟୋଗ କେଉଁଠୁ ଆସିବ ? ଆଉ ଏଗୁଡ଼ିକ ଯେ ହେଉ ନାହିଁ, ତାର କାରଣ କଣ ?

ଏସବୁର କାରଣ ହେଲା, ପୁଞ୍ଜିବାଦୀ ସମ୍ପର୍କ, ଅର୍ଥାତ୍ ମାଲିକ-ଶ୍ରମିକ ସମ୍ପର୍କର ଭିତ୍ତିରେ ଉତ୍ପାଦନ, ଯାହା ଆଜି ସମାଜ ପ୍ରଗତି କ୍ଷେତ୍ରରେ ବାଧାଭାବେ ଠିଆ ହୋଇଛି। ସେ ଆଉ ସମାଜକୁ ଆଜି ଆଗେଇ ନେଇ ଯାଇ ପାରେ ନା ବୋଲି ବଜାର ସଂକୋଚନ କରି ବେକାର ସମସ୍ୟାକୁ ଜନ୍ମ ଦେଉଛି। ପୁଞ୍ଜିବାଦୀ ବ୍ୟବସ୍ଥାରେ ଗ୍ରାମରେ ମଧ୍ୟ ଆଉ କୌଣସି ଶିଳ୍ପାୟନର ରାସ୍ତା ଖୋଲା ନାହିଁ। ଏହା ହିଁ ତ ହେଲା ପୁଞ୍ଜିବାଦ। ଅର୍ଥାତ୍ ମାଲିକ-ଶ୍ରମିକ ସମ୍ପର୍କର ଭିତ୍ତିରେ ଉତ୍ପାଦନ, ଆଉ ସର୍ବୋଚ୍ଚ ଲାଭ ଉଦ୍ଦେଶ୍ୟରେ ଉତ୍ପାଦନ। ପୁଞ୍ଜିବାଦର ଅର୍ଥ, ଯେଉଁଠି ସର୍ବୋଚ୍ଚ ଲାଭ ଅର୍ଜନ ଉଦ୍ଦେଶ୍ୟରେ ଉତ୍ପାଦନ କରାଯାଏ। ଏଠି ଉତ୍ପାଦନର ମୂଳ ନିୟମ ଓ ନୀତି ହେଉଛି ସର୍ବୋଚ୍ଚ ଲାଭ ଅର୍ଜନ। ଏଠାରେ ଜନସାଧାରଣଙ୍କ ପ୍ରୟୋଜନକୁ ଲକ୍ଷ୍ୟ ରଖି ଉତ୍ପାଦନ ହୁଏ ନା, ଲାଭ ଲକ୍ଷ୍ୟରେ ହିଁ ଉତ୍ପାଦନ ହୁଏ। ସମାଜତାନ୍ତ୍ରିକ ବ୍ୟବସ୍ଥାରେ ଏହାର ସମ୍ପୂର୍ଣ୍ଣ ବିପରୀତ ଉଦ୍ଦେଶ୍ୟରେ ଉତ୍ପାଦନ ହୁଏ। ସେଠାରେ ସର୍ବୋଚ୍ଚ ଲାଭ ନୁହେଁ, ଜନଗଣଙ୍କର ବୈଷୟିକ ଓ ସାଂସ୍କୃତିକ ସର୍ବୋଚ୍ଚ ଚାହିଦା ପୂରଣ ଲକ୍ଷ୍ୟରେ ହିଁ ଉତ୍ପାଦନ ହୁଏ। ସେଠାରେ ମଧ୍ୟ ଶ୍ରମିକମାନଙ୍କ ସହିତ ବୁଝାମଣାର ଭିତ୍ତିରେ ଉଦ୍‌ବୃତ୍ତ ମୂଲ୍ୟ ବା ସରପ୍ଲସ୍ ଭ୍ୟାଲୁ ସୃଷ୍ଟି ହୁଏ। ଅର୍ଥାତ୍, ଦେଶରେ ନୂତନ ଶିଳ୍ପୋଦ୍ୟୋଗ ନିମନ୍ତେ, ଯନ୍ତ୍ରପାତି ମରାମତି ନିମନ୍ତେ ଲାଭର ଏକ ଅଂଶ ନିଆ ହୁଏ, ଆଉ ଏକ ଅଂଶ ରାଷ୍ଟ୍ରର ବିଭିନ୍ନ ଶାଖା ଏବଂ ଲୋକଙ୍କର ଉନ୍ନତି ନିମନ୍ତେ ରାସ୍ତା ଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ବାବଦରେ ଟ୍ୟାକ୍ସ ଆକାରରେ କିଛି ନିଆଯାଇ ବାକି ସମ୍ପୂର୍ଣ୍ଣ ଅଂଶଟିକୁ ଶ୍ରମିକଙ୍କୁ ଫେରାଇ ଦିଆଯାଏ। ତାଦ୍ୱାରା ଶ୍ରମିକକୁ ନ୍ୟାଯ୍ୟ ମଜୁରୀ ଦିଆଯାଏ।

ପୁଞ୍ଜିବାଦୀ ବ୍ୟବସ୍ଥାରେ କଣ ହୁଏ ? ସେଠାରେ କାରଖାନାର ସ୍ଥାୟୀ ସମ୍ପତ୍ତିର ପ୍ରୟୋଜନରେ ଲାଭର ଏକ ଅଂଶ, ରାଷ୍ଟ୍ରକୁ ଟ୍ୟାକ୍ସ ଦେବା ସକାଶେ ଏକ ଅଂଶ, ଶେୟାର ହୋଲଡରମାନଙ୍କ ନିମନ୍ତେ ଏକ ବିରାଟ ଅଂଶ, ଆଉ ଡାଇରେକ୍ଟର, ବୋର୍ଡ

ମେମ୍ବର, ଚେୟାରମ୍ୟାନ୍‌ମାନଙ୍କର ଗସ୍ତ ଖର୍ଚ୍ଚ ନାଁରେ, ଅମଲା ପୋଷିବା ନାଁରେ, ତଥା ବିଭିନ୍ନ ବିଭାଗରେ ଲାଭର ସିଂହଭାଗ ମାଲିକ ଶ୍ରେଣୀର ପକେଟକୁ ଚାଲି ଯାଏ। ଫଳରେ ଶ୍ରମିକ ତାର ନ୍ୟାଯ୍ୟ ମଜୁରୀରୁ ବଞ୍ଚିତ ହୁଏ। ଏହିଭଳି ଭାବେ ପୁଞ୍ଜିବାଦୀ ବ୍ୟବସ୍ଥାରେ ଶ୍ରମିକମାନେ ଶୋଷିତ ହେଉଛନ୍ତି। ସମାଜର ଅଧିକାଂଶ ମଣିଷ ହେଲେ ଶ୍ରମିକ। ସେମାନେ ଯଦି କ୍ରମାଗତ ନ୍ୟାଯ୍ୟ ମଜୁରୀରୁ ବଞ୍ଚିତ ହୁଅନ୍ତି, ତା' ହେଲେ ଲୋକମାନଙ୍କର କ୍ରୟ କ୍ଷମତା ବଢ଼ିବ କିଭଳି ? ତେଣୁ ବଜାର ସଂକୁଚିତ ହେଉଛି। ଏହା ଠିକ ଯେ, କଳକାରଖାନା କିଛି କିଛି ତିଆରି ହେଉଛି, ମାତ୍ର ପୁରୁଣା ବହୁ କଳ କାରଖାନାରେ ଲାଲବତୀ ଜଳୁଛି।

ତେଣୁ ମୁଁ ସେହି ୧୯୪୯ ମସିହାରୁ ଚିତ୍କାର କରି କହି ଆସୁଛି ଯେ, ସେମାନେ ପରିକଳ୍ପନା ଗ୍ରହଣ କରୁଛନ୍ତି ଏହା ଠିକ୍, କିନ୍ତୁ ସର୍ବଦା ଏକ ସଂକଟ ତାହାକୁ ଅନୁସରଣ କରି ଚାଲିଛି। କାରଣ ପୁଞ୍ଜିବାଦ ତା'ର ପ୍ରଗତିଶୀଳ ଚରିତ୍ର ହରାଇ ବସିଛି। ତେଣୁ ଶିଳ୍ପ ବିକାଶର ଧାରା ଅବ୍ୟାହତ ରଖିବାକୁ ହେଲେ ଏବଂ ଯେତିକି ପୁଞ୍ଜି ସୃଷ୍ଟି ହେଉଛି ତାକୁ ସମ୍ପୂର୍ଣ୍ଣଭାବେ ଶିଳ୍ପଦ୍ୟୋଗରେ ନିୟୋଜିତ କରିବାର ସାମାଜିକ ଉଦ୍ୟୋଗ ସୃଷ୍ଟି କରିବାକୁ ହେଲେ ପୁଞ୍ଜିବାଦୀ ଅର୍ଥନୈତିକ ବ୍ୟବସ୍ଥା ଏବଂ ଅର୍ଥନୈତିକ ସମ୍ପର୍କରୁ ସମାଜକୁ ମୁକ୍ତ କରିବାକୁ ହେବ। ଏକମାତ୍ର ସମାଜତନ୍ତ୍ରରେ ମାଲିକ-ଶ୍ରମିକର ସମ୍ପର୍କ ଦୂର କରିବା ସମ୍ଭବ ହୋଇଛି ବୋଲି ହିଁ ସାମାଜିକ ଲକ୍ଷ୍ୟ ପୁରଣ ସକାଶେ ଉତ୍ପାଦନ ନିର୍ଦ୍ଧାରଣ କରିବା ସମ୍ଭବ ହୁଏ ଏବଂ ଉତ୍ପାଦନରୁ ମିଳୁଥିବା ଲାଭରୁ ସମାଜ କଲ୍ୟାଣ ନିମନ୍ତେ ନିଆଯାଇଥିବା ଅଂଶଟି ବ୍ୟତୀତ ବାକି ସମସ୍ତ ଅଂଶ ଶ୍ରମିକକୁ ଫେରାଇ ଦିଆଯାଏ। ତେଣୁ ବିପ୍ଳବ କରିପାରିଲେ ଶିଳ୍ପ ବିକାଶର ଦ୍ୱାର ଖୋଲି ଯିବ, କୃଷିରେ ଆଧୁନିକୀକରଣ ହେବ, ଆଉ କୃଷିରେ ଆଧୁନିକୀକରଣ ହେଲେ କୃଷିକ୍ଷେତ୍ରରେ ସହଯୋଗୀ ଶିଳ୍ପଗୁଡ଼ିକ ଗଢ଼ି ଉଠିବ ଏବଂ ତା' ଦ୍ୱାରା ଗ୍ରାମର ବେକାରମାନଙ୍କର ଏକ ବିରାଟ ଅଂଶକୁ କାମ ଦେବା ସମ୍ଭବ ହେବ।

ତେଣୁ ଯେଉଁ ତିନୋଟି ମୂଳ ସମସ୍ୟା, ଅର୍ଥାତ୍ ବେକାର ସମସ୍ୟାର ସମାଧାନ, କୃଷିର ଯାନ୍ତ୍ରିକରଣ ଓ ଆଧୁନିକୀକରଣ ଏବଂ ଶିଳ୍ପ ବିକାଶ- ଏହାର ସମାଧାନ ନିମନ୍ତେ ମୌଳିକ ପ୍ରୟୋଜନ ହେଲା, ଶିଳ୍ପର ଅଗ୍ରଗତିର ଧାରା ଅବ୍ୟାହତ ରଖିବା, ଯାହାକି ପୁଞ୍ଜିବାଦ ଏବଂ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାର ଉତ୍‌ଖାତର ପ୍ରଶ୍ନଟି ସହିତ ଖୁବ ଘନିଷ୍ଠଭାବେ ଯୁକ୍ତ। ଉତ୍ପାଦନକୁ ପୁଞ୍ଜିବାଦୀ ସମ୍ପର୍କରୁ ମୁକ୍ତ କରି ନପାରିଲେ, ଦିନ ପରେ ଦିନ ବଜାରରେ କୃତ୍ରିମ ଉପାୟରେ ତେଜିଭାବ ସୃଷ୍ଟି କଲେ ମଧ୍ୟ, ସାମୟିକଭାବେ ବଜାର ସ୍ଥିତ ହେଲେ ମଧ୍ୟ ବଜାର ସଂକୁଚିତ ହେବ, ଶିଳ୍ପ ବନ୍ଦ ହେବାର ପ୍ରବଣତା ନିଶ୍ଚିତଭାବେ ଦେଖାଦେବ। ଶିଳ୍ପର ବିକାଶ ହେବ ନାହିଁ। ସଂକଟ ଦେଖା ଦେବ ହିଁ ଦେବ। ଆଉ

ନୈତିକ ଜୀବନ, ସାଂସ୍କୃତିକ ଜୀବନ, ଆଦର୍ଶଗତ ଆନ୍ଦୋଳନ କ୍ଷେତ୍ରରେ ସଂକଟ ପ୍ରତିଫଳିତ ହେବ।

ହିଟଲରୀ କାଇଦାରେ ତୁଟୁକା ବ୍ୟବସ୍ଥା ମାଧ୍ୟମରେ ଦେଶର ଅଗ୍ରଗତି ଘଟାଇବା ନାଁରେ, ଉନ୍ନତି କରିବା ନାଁରେ ଏହିଭଳି ଭୂମି ସଂସ୍କାରର ପରିକଳ୍ପନା ସେମାନେ ନେଉଛନ୍ତି ଯଦ୍ୱାରା କି ଲକ୍ଷ ଲକ୍ଷ ଲୋକ ଖଣ୍ଡିଏ ଖଣ୍ଡିଏ ଜମିରେ ହିଁ ଅଟକି ରହିବେ। ଗ୍ରାମୀଣ ବେକାରମାନେ ସହରକୁ ଯେମିତି ଆସି ନପାରନ୍ତି, ଯେମିତି ସେମାନଙ୍କୁ ଅଳ୍ପ ଅଳ୍ପ ଜମି ଦେଇ ଅର୍ଦ୍ଧଭୁକ୍ତ, ଅର୍ଦ୍ଧନଗ୍ନ ଅବସ୍ଥାରେ ସେହି ଗାଁ କ୍ଷେତରେ ଅଟକାଇ ରଖାଯାଇ ପାରେ, ସେଥି ନିମିତ୍ତ ସେମାନେ ଏହା କରୁଛନ୍ତି, ଆଉ ତା'ଦ୍ୱାରା ବେକାର ସମସ୍ୟାର ଚାପ କବଳରୁ ସାମୟିକଭାବରେ ସେମାନେ ନିଜକୁ ରକ୍ଷା କରି ପାରନ୍ତି। ଜାପାନ ମଧ୍ୟ ଏହା ହିଁ କରୁଛି। ତେଣୁ ଏହି ସମାଜତନ୍ତ୍ରୀମାନଙ୍କୁ କହିଥିଲି, ଜାପାନର ସମସ୍ୟା ହେଲା, ପୁଞ୍ଜିବାଦକୁ କ୍ରମବର୍ଦ୍ଧମାନ ବେକାର ସମସ୍ୟାର ଚାପ କବଳରୁ ରକ୍ଷା କରିବା, ଆଉ ତା'ଦ୍ୱାରା ଦେଶର ଜନଗଣଙ୍କୁ ଦେଖାଇବା ଯେ ପୁଞ୍ଜିବାଦ କ୍ଷୟିଷ୍ଣୁ ନୁହେଁ, ଉନ୍ନତି କରୁଛି। ତା ସତ୍ତ୍ୱେ ବି ବେକାର ସମସ୍ୟାର ଚାପ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଛି। ଏହି ଚାପ ଆମେରିକାରେ ମଧ୍ୟ ବଢୁଛି, ଜାପାନରେ ମଧ୍ୟ ବଢୁଛି। ଏହା ଯେମିତି ଅଧିକ ନବଢେ, ସେଥିପାଇଁ ସମସ୍ତେ ହିଁ ଭାବୁଛନ୍ତି ଗ୍ରାମରେ କେତେ ସଂଖ୍ୟକ ଲୋକଙ୍କୁ ଅଟକାଇ ରଖାଯାଇପାରେ।

ତେଣୁ ପୁଞ୍ଜିବାଦକୁ ତାର ସଂକଟରୁ ବଞ୍ଚାଇବା ସକାଶେ ପୁଞ୍ଜିବାଦୀ ରାଜନୈତିକ ଦଲାଲମାନେ 'ଜାପାନୀ ପ୍ରଥାରେ ଚାଷ' ପ୍ରଚଳନର ତୁଟୁକା ଔଷଧ ଦେଉଛନ୍ତି, କିନ୍ତୁ ସେମାନେ ତ ସମାଜବାଦୀ, ସେମନେ ତ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି, ସେମାନେ ତ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ, ସେମାନେ ତ ସମାଜତନ୍ତ୍ରର କଥା କୁହନ୍ତି, ସେମାନେ ବି କଣ ପୁଞ୍ଜିବାଦକୁ କିପରି ବେକାର ସମସ୍ୟା ଚାପରୁ ରକ୍ଷା କରାଯିବ, ବେକାରମାନଙ୍କ ଚାପରେ ଏହା ଯେମିତି ଭାଙ୍ଗି ପଡି ବିପ୍ଲବ ଘଟାଇ ନପାରେ, ସେଥିନିମିତ୍ତ ଭୂମି ସଂସ୍କାରର ପରିକଳ୍ପନା ଦେବେ ? ତାହେଲେ ସେମାନେ ପୁଞ୍ଜିପତିମାନଙ୍କ ଦଳରେ ନାମ ଲେଖାନ୍ତୁ। ସେମାନଙ୍କର ସମାଜବାଦର କଥା କହିବା ଦରକାର କଣ ? ଜାପାନ ପୁଞ୍ଜିବାଦକୁ ରକ୍ଷା କରିବା ପାଇଁ ଜାପାନୀ ପ୍ରଥାରେ ଚାଷ କରୁଛି। ଏଠି ଯେଉଁମାନେ ପୁଞ୍ଜିବାଦର ଚର୍ଚ୍ଚା କରୁଛନ୍ତି, ଯେଉଁମାନେ କ୍ଷୟିଷ୍ଣୁ ପୁଞ୍ଜିବାଦକୁ ରକ୍ଷା କରିବାକୁ ଚାହାନ୍ତି, ସେମାନେ ମଧ୍ୟ କହୁଛନ୍ତି, ମେସିନ୍, ଟ୍ରାକ୍ଟର ଆସୁ, କିଛି କିଛି ଆସୁ, ଦଶ ଶତାଂଶ ଆସୁ, କିନ୍ତୁ ବେଶୀ ଆସିବାକୁ ଦେବେ ନାହିଁ। ଲାଲ ବାହାଦୁର ଶାସ୍ତ୍ରୀ ନାଗପୁରରେ କହିଥିଲେ, ଆମକୁ କଣ ଏତେ ବୋକା ଭାବିଛ ଯେ, ସର୍ବତ୍ର ମେସିନ୍-ଟ୍ରାକ୍ଟର ଦ୍ୱାରା ଚାଷ କରିବୁ ? ସୁତରାଂ ସେମାନେ ଏତେ

ବୋକା ନୁହଁନ୍ତି। ଏମିତି ତ ବେକାର ସମସ୍ୟାକୁ ସମ୍ଭାଳି ପାରୁ ନାହାନ୍ତି, ତାପରେ ଗୋଟିଏ ଧକ୍କାରେ କୋଟି କୋଟି ଲୋକ ବେକାର ହୋଇଗଲେ କୌଣସି ରାଷ୍ଟ୍ର ବ୍ୟବସ୍ଥା ସେହି  ଚାପକୁ ସମ୍ଭାଳି ପାରିବ ନାହିଁ। ତେଣୁ ଭାରତବର୍ଷର ପୁଞ୍ଜିବାଦୀ ଅର୍ଥନୈତିକ ସଂକଟରୁ ପୁଞ୍ଜିବାଦକୁ ତୁଟୁକା କବିରାଜି ହାକିମି କିଛି ଦେଇ ସେ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ପୁଣି ଏହି ସବୁ ତଥାକଥିତ ସମାଜତନ୍ତ୍ରୀ ସି.ପି.ଆଇ, ସି.ପି.ଆଇ(ଏମ୍)ର କର୍ମସୂଚୀରେ ମଧ୍ୟ ଦେଖୁଛି ଯେ, ସେମାନେ ମଧ୍ୟ ମନେକରନ୍ତି, କୃଷି କ୍ଷେତ୍ରରେ ମେସିନ, ଟ୍ରାକ୍ଟର ପ୍ରଚଳନ କରିବା ଦରକାର ନାହିଁ। ମୁଁ କୁହେ, ପୁଞ୍ଜିବାଦ ବ୍ୟାପକଭାବେ ମେସିନ୍-ଟ୍ରାକ୍ଟର-ଯନ୍ତ୍ରପାତି ପ୍ରଚଳନ କରି ପାରିବ ନାହିଁ। ମାତ୍ର ସେଥିପାଇଁ କଣ ଚାଷୀମାନଙ୍କୁ ବୁଝାଇବାକୁ ହେବ ଯେ, ଏହି ଜମିରେ ଅର୍ଦ୍ଧନଗ୍ନ, ଅର୍ଦ୍ଧଭୁକ୍ତ ଅବସ୍ଥାରେ ଜୀବନ ତମାମ ରହିବାକୁ ହେବ। ଚାଷୀମାନଙ୍କର ବୁଝିବା ଦରକାର, ମେସିନ୍-ଟ୍ରାକ୍ଟର ସେମାନଙ୍କର ଶତ୍ରୁ ନୁହେଁ, ପୁଞ୍ଜିବାଦ ସେମାନଙ୍କର ଶତ୍ରୁ। ପୁଞ୍ଜିବାଦ ପାଇଁ ମେସିନ୍-ଟ୍ରାକ୍ଟର ପ୍ରଚଳନ ହୋଇ ପାରୁ ନାହିଁ। କାରଣ ଏହାର ବିକଳ୍ପ ଭାବେ ଚାକିରୀର ବନ୍ଦୋବସ୍ତ ନାହିଁ, ସେ ବେକାର ହୋଇଯିବ। ତେଣୁ ସେ ଯଦି କେଉଁଠି ମେସିନ୍-ଟ୍ରାକ୍ଟର ବିରୁଦ୍ଧରେ ଲଢେ, ତାହେଲେ ସେ ଏଥିପାଇ ଲଢିବ ଯେ, ସେ ମେସିନ ଟ୍ରାକ୍ଟରର ବିରୋଧୀ ନୁହେଁ, ସେ ଏହାର ପ୍ରଚଳନ ଚାହେଁ। ସେଥିପାଇଁ  ବିକଳ୍ପଭାବେ ଚାକିରୀ ଦେବାକୁ ହେବ, ନଚେତ୍ ସେ ମେସିନ୍-ଟ୍ରାକ୍ଟର ପ୍ରଚଳନ ହେବାକୁ ଦେବ ନାହିଁ। ପ୍ରକୃତରେ ସେ ନିଜେ ହିଁ ତ ମେସିନ୍-ଟ୍ରାକ୍ଟର ଚାହେଁ। ସେଥିପାଇଁ ସେ ପୁଞ୍ଜିବାଦକୁ ହଟାଇବାକୁ ଚାହେଁ। ପୁଞ୍ଜିବାଦ ହଟିଲେ ମେସିନ୍-ଟ୍ରାକ୍ଟର ଦ୍ୱାରା ବୈଜ୍ଞାନିକ ପ୍ରଣାଳୀରେ ଚାଷ ହେବ। ତେବେ ଯାଇ ଗାଁକୁ ଆଲୋକ ଆସିବ, ସାଧାରଣ ଲୋକଙ୍କ ଅବସ୍ଥାରେ ଉନ୍ନତି ହେବ, ପଶୁ ଅବସ୍ଥାରୁ ସେମାନେ ଉଠି ଠିଆ ହେବେ, ମଣିଷର କ୍ରୟ କ୍ଷମତା ବଢିବ, ବଜାର ସମ୍ପ୍ରସାରଣ ହେବ, ଶିଳ୍ପ ବିପ୍ଳବ ବା ଶିଳ୍ପର ଅଗ୍ରଗତି ଏବଂ ଉନ୍ନତିର ପଥ ସୁଗମ ହେବ।

ବହୁ ଲୋକ ଏଭଳି ମଧ୍ୟ ଭାବନ୍ତି ଯେ, ହଁ, କଂଗ୍ରେସ ମଧ୍ୟ ସମାଜତନ୍ତ୍ର ଦିଗରେ ଯାଉଛି, କିନ୍ତୁ ରାସ୍ତା ଅଲଗା, ଏତିକି ଯାହା ପାର୍ଥକ୍ୟ! ଆରେ ବାବା, ବିଜ୍ଞାନରେ ତ ସତ୍ୟ ଗୋଟିଏ। ଏଦେଶର ପରମ୍ପରା ଆଉ କୁସଂସ୍କାର ଯୋଗୁ ଏଠି କୋଟିଏ ମଣିଷର କୋଟିଏ ସତ୍ୟ, ଭାରତବର୍ଷରେ ତେତିଶ କୋଟି ଲୋକଙ୍କର ତେତିଶ କୋଟି ଦେବତା। ମାତ୍ର ବିଜ୍ଞାନରେ ତ ସତ୍ୟ ଗୋଟିଏ। ଜାପାନର ବୈଜ୍ଞାନିକମାନଙ୍କ ପାଇଁ ଇଲେକ୍ଟ୍ରିସିଟିର ତତ୍ତ୍ୱ ଯାହା, ଭାରତବର୍ଷର ବୈଜ୍ଞାନିକମାନଙ୍କ ପାଇଁ ମଧ୍ୟ ଇଲେକ୍ଟ୍ରିସିଟିର ତତ୍ତ୍ୱ ସେଇଆ। ଭାରତୀୟ ପରମ୍ପରା ଯୋଗୁ ଇଲେକ୍ଟ୍ରିସିଟିର ତତ୍ତ୍ୱ ଏଠି ଗୋଟିଏ ପ୍ରକାର, ଆଉ ଜାପାନର ପରମ୍ପରା ଯୋଗୁ ସେହି ତତ୍ତ୍ୱଟି ଆଉ

ଗୋଟିଏ ପ୍ରକାର, ତା ହୁଏ ନା। କାରଣ ବିଜ୍ଞାନ ପରୀକ୍ଷା ନିରୀକ୍ଷା ନେଇ କାରବାର କରେ। ତେଣୁ ବିଜ୍ଞାନ କୁହେ, ସତ୍ୟ ଏକ, ସତ୍ୟ ବିଶେଷ ଏବଂ ଆପେକ୍ଷିକ। ଅଥଚ କୁହାଯାଉଛି, ଆମ ଦେଶରେ ସମାଜତନ୍ତ୍ରର ରାସ୍ତା ସବୁ ଅଲଗା ଅଲଗା, ଗୋଟିଏ ପ୍ରକାର ନୁହେଁ। ଅଲଗା ରାସ୍ତା ଅର୍ଥ, ସେହି ତେତିଶ କୋଟି ଦେବତା ଭଳି ରାସ୍ତା। ପ୍ରକୃତରେ ସେଗୁଡ଼ିକ କୌଣସି ରାସ୍ତା ନୁହେଁ, ଗୋଲକଧନ୍ଦା। ଆଉ ରାସ୍ତା ଯଦି ବିଜ୍ଞାନସମ୍ମତ ହୁଏ ତାହେଲେ ପ୍ରତ୍ୟେକ ଦେଶର ସେହି ଦେଶ ପାଇଁ ବିପ୍ଳବର ରାସ୍ତା ଗୋଟିଏ। ତେବେ ସେହି ରାସ୍ତାଟି ଆମେ ପାଇଛୁ କି ନାହିଁ, ଆମେ ଯାହା କହୁଛୁ ତାହା ସଠିକ କି ନୁହେଁ, ଏହା ଏକ ପ୍ରଶ୍ନ ହୋଇପାରେ ଏବଂ ତା'ରି ଭିତ୍ତିରେ ଆଲୋଚନା ହୋଇପାରେ, ତର୍କ ବିତର୍କ ହୋଇପାରେ, ଆଦର୍ଶଗତ ଯୁଦ୍ଧ ହୋଇପାରେ। ହାତାହାତି ଯୁଦ୍ଧ ନୁହେଁ, ଆଦର୍ଶଗତ ଯୁଦ୍ଧ- ଅର୍ଥାତ୍ ବୈଜ୍ଞାନିକ ଯୁକ୍ତି ଓ ଇତିହାସର ବିଚାର, ଯେଉଁଥିରେ ବିଷୟଟି ଧିରେ ଧିରେ ପରିଷ୍କାର ହୋଇଯିବ। ଆମେ ଯଦି ସଠିକ ରାସ୍ତା ପାଇ ନଥାଉ, ଏହି ପଥରେ କେଉଁଠି ଭୁଲ ଅଛି ତାହା ଧରା ପଡିଯିବ। ମାତ୍ର ରାସ୍ତା ଗୋଟିଏ। ନାନା ମୁନିଙ୍କର ନାନା ମତ, ନାନା ପଥ- ଏହା ଧର୍ମଶାସ୍ତ୍ରରେ ଚାଲେ, ବିଜ୍ଞାନ ଜଗତରେ ଚାଲେ ନା। ଆଉ ବିପ୍ଳବ ତ ବିଜ୍ଞାନର ଏକ କାରବାର, ସମାଜ ପ୍ରଗତିର ପ୍ରଶ୍ନକୁ ନେଇ ଚର୍ଚ୍ଚା ଆଲୋଚନା କରିବା ହେଲା ଏକ ବୈଜ୍ଞାନିକ ବିଷୟ। ଅର୍ଥନୈତିକ ମସସ୍ୟା ନେଇ ମୁଣ୍ଡ ଖେଳାଇବା ଏକ ବୈଜ୍ଞାନିକ କାରବାର। ଏହା ଧର୍ମୀୟ କୁସଂସ୍କାରକୁ ନେଇ ଘଣ୍ଟାଚକଟା କରିବାର ବିଷୟ ନୁହେଁ ଯେ, ନାନା ମୁନିର ନାନା ମତ ହେବ। ନାନା ମତ ହୋଇପାରେ, କିନ୍ତୁ ସତ୍ୟ ମତ ଗୋଟିଏ। ଇତିହାସ-ବିଜ୍ଞାନ ଦ୍ୱାରା ତାହା ନିର୍ଦ୍ଧାରିତ ହୋଇଥାଏ। ସେହି ପଥଟି ଯଦି ନିର୍ଣ୍ଣୟ ନହୁଏ, ତାହେଲେ ସମସ୍ତ ଆନ୍ଦୋଳନ, ସମସ୍ତ କୁରବାନି ବାରମ୍ବାର ମିଥ୍ୟା ହୋଇଯିବ। ସ୍ଲୋଗାନ ସମାଜତନ୍ତ୍ର ହେଉ, ଘୋଷିତ ନୀତି ମାର୍କ୍ସବାଦ-ଲେନିନ୍‌ବାଦ ହେଉ, ତାଦ୍ୱାରା ଯେ ରାସ୍ତା ସଠିକ୍ ଏକଥା ପ୍ରମାଣ ହୋଇଯାଏନା। ଭୁଲ ରାସ୍ତାରେ ପରାଜୟ ବାରମ୍ବାର ଆସିବ। ବାରମ୍ବାର ଆନ୍ଦୋଳନ ମାଡ ଖାଇବ, ବାରମ୍ବାର ହତାଶା ଗ୍ରାସ କରିବ, ବାରମ୍ବାର ମଣିଷ ଓଲଟାପାଲଟା କହିଚାଲିବ-ଏକଥା ମୁଁ ପୂର୍ବରୁ ହିଁ କହିଛି। ମାତ୍ର ତାଦ୍ୱାରା ସବୁ ଶେଷ ହେବ ନାହିଁ। ପୁଣି ମଣିଷ ଲଢ଼ିବ, ପୁଣି ମାଡ ଖାଇବାକୁ ପଡିବ, ଯେତେ ସମୟ ଯାଏ ସେ ରାସ୍ତା ନପାଇଛି, ସେ ପୁଣି ଲଢ଼ିବ, ଶକ୍ତି ସଞ୍ଚୟ କଲେ ମଧ୍ୟ ଜିତି ପାରିବ ନାହିଁ। ଭୁଲ ରାସ୍ତାରେ ଜିତିବା ସମ୍ଭବ ନୁହେଁ। ଯେମିତି ଜଣେ ବ୍ୟକ୍ତିର ନିଷ୍ଠା, ସାଧନା ଓ ଆତ୍ମତ୍ୟାଗର କ୍ଷମତା ଖୁବ ଅଛି, ମାତ୍ର ଟିନ୍‌ଚାର ଆୟୋଡିନ୍ କାହା ଦ୍ୱାରା ପ୍ରସ୍ତୁତ କରାଯାଏ, ସେ ସମ୍ପର୍କରେ ତାଙ୍କର ଏକ ମନଗଢା ଧାରଣା ଅଛି। ସେ ମନେକରନ୍ତି, ମହାନଦୀର କିଛି ବାଲି ଆଉ ତା' ସହିତ କିଛି ମାଟି-ଚୁନ-ପଥର ଗୁଣ୍ଡ

ମିଶାଇଲେ ଏବଂ ଏହା ସହିତ କିଛି ଗଛ ପତ୍ରର ରସ ମିଶାଇ ଦେଲେ ଟିନଚାର ଆୟୋଡିନ ତିଆରି ହେବ । କାରଣ, ସେ ସ୍ୱପ୍ନାଦିଷ୍ଟ ହୋଇଛନ୍ତି । ସେ ମନେକରନ୍ତି, ଇଚ୍ଛାଶକ୍ତି ଥିଲେ ହିଁ ହେବ । ତ୍ୟାଗ ଥିଲେ ହେବ । ମୁଁ କହେ, ସେ ତ୍ୟାଗ କରି, ଉପବାସ କରି ଅସ୍ଥିକଙ୍କାଳସାର ହୋଇ ମରିଯାଇ ପାରନ୍ତି, ଏହା ଦ୍ୱାରା ତାଙ୍କର ସତତା ଓ ନିଷ୍ଠାର ପ୍ରମାଣ ହେବ, କିନ୍ତୁ ସେ ଟିନ୍‌ଚାର ଆୟୋଡିନ କୌଣସି ଦିନ ତିଆରି କରି ପାରିବେ ନାହିଁ । ସେହି ବୈଜ୍ଞାନିକ ଟିନ୍‌ଚାର ଆୟୋଡିନ୍ ତିଆରି କରି ପାରିବେ, ଯିଏ ଜାଣନ୍ତି, କି କି ଉପଦାନ ଏବଂ ରାସାୟନିକ ବସ୍ତୁ ଦ୍ୱାରା ଟିନ୍‌ଚାର ଆୟୋଡିନ୍ ତିଆରି କରାଯାଏ ।  ଯେଉଁ ବୈଜ୍ଞାନିକ ତାହା ଜାଣନ୍ତି ଏବଂ ଯାହାଙ୍କର ସେଗୁଡ଼ିକ ସଂଗୃହିତ ହୋଇଗଲା ଏବଂ ସଂଯୋଜିତ କରିବାର ପ୍ରକ୍ରିୟା ଆୟତ୍ତ ହୋଇଗଲା, ସେ ଟିନ୍‌ଚାର ଆୟୋଡିନ୍ ତିଆରି କରି ପାରିବେ । ସମାଜକୁ ନେଇ କିଛି କରିବା କ୍ଷେତ୍ରରେ ଓ ବିପ୍ଲବୀ ଲଢ଼େଇ କ୍ଷେତ୍ରରେ ମଧ୍ୟ ଏହି ସମାନ କଥା ପ୍ରଯୁଜ୍ୟ । ଏଠାରେ ପରୀକ୍ଷାଗାରର ପ୍ରତ୍ୟକ୍ଷ ପରୀକ୍ଷାଟି ନାହିଁ ବୋଲି ନିଜ ମନଗଢ଼ା ଚିନ୍ତା ଅନୁଯାୟୀ ସବୁ କିଛି କରାଯିବ, ତାହା ନୁହେଁ । ଏଠାରେ ମଧ୍ୟ ସେହି ପର୍ଯ୍ୟବେକ୍ଷଣ ଓ ସତ୍ୟତା ଯାଞ୍ଚ କରିବା ପଦ୍ଧତିରେ ରାସ୍ତା, ନୀତି ଠିକ କରିବାକୁ ହୁଏ ।

ଭାରତବର୍ଷର ବ୍ୟବସ୍ଥା ଯଦି ପୁଞ୍ଜିବାଦୀ ବ୍ୟବସ୍ଥା ହୁଏ, ତାହେଲେ ଏହି ପୁଞ୍ଜିବାଦୀ ବ୍ୟବସ୍ଥାର ଆଉ ପ୍ରଗତିଶୀଳ ଭୂମିକା ନାହିଁ । ଏହା କେବଳ ପୁଞ୍ଜିବାଦ ନୁହେଁ, ଏହି ପୁଞ୍ଜିବାଦ ହେଉଛି ଏକଚାଟିଆ ପୁଞ୍ଜିବାଦ ଯିଏ କି ସାମ୍ରାଜ୍ୟବାଦୀ ସ୍ତରରେ ପହଞ୍ଚି ଯାଇଛି । ପୁଞ୍ଜି ରପ୍ତାନୀ ଏବଂ ପଣ୍ୟ ରପ୍ତାନୀ ମଧ୍ୟରେ ପାର୍ଥକ୍ୟ କଣ, ତାହା ଅର୍ଥନୀତିବିଦ୍‌ମାନେ ଜାଣିବା ଦରକାର । ସମସ୍ତେ ପଣ୍ୟ ରପ୍ତାନୀ କରନ୍ତି, ସମସ୍ତ ଦେଶକୁ ହିଁ ତାହା କରିବାକୁ ହୁଏ, ସମସ୍ତ ପୁଞ୍ଜିବାଦୀ ଦେଶ କରନ୍ତି । ମାତ୍ର ପଣ୍ୟ ରପ୍ତାନୀ ଦ୍ୱାରା କୌଣସି ପୁଞ୍ଜିବାଦୀ ଦେଶ ତତ୍‌କ୍ଷଣାତ୍ ସାମ୍ରାଜ୍ୟବାଦୀ ହୋଇଯାଏ ନାହିଁ । କାରଣ ଏହା ଦ୍ୱାରା ଅନ୍ୟ ଦେଶର ବଜାର ଶୋଷଣ କରାଯାଏ ମାତ୍ର । କିନ୍ତୁ ପୁଞ୍ଜି ରପ୍ତାନୀ ଦ୍ୱାରା ସେହି ଦେଶର ଶସ୍ତା କଞ୍ଚାମାଲ ଶୋଷଣ କରାଯାଏ ଏବଂ ସେଦେଶର ଶସ୍ତା ଶ୍ରମଶକ୍ତିକୁ ବ୍ୟବହାର କରି ଲୁଣ୍ଠନ କରାଯାଏ, ଯାହାକୁ ଅର୍ଥନୀତିର ଭାଷାରେ ସାମ୍ରାଜ୍ୟବାଦୀ ଶୋଷଣ କୁହାଯାଏ । ଯେମିତି ଆମ ଦେଶରେ ବିଦେଶୀ ପୁଞ୍ଜି ଖଟିଲେ ଆମେ ମନେକରୁନା ଯେ, ଜାତୀୟ ଉନ୍ନତି ସକାଶେ ଏହା କାମ କରୁଛି । ଆମେ ସଙ୍ଗେ ସଙ୍ଗେ ମନେକରୁ, ଦେଶର କଞ୍ଚାମାଲ ବ୍ୟବହାର କରି ଏବଂ ଦେଶର ଶସ୍ତା ଶ୍ରମଶକ୍ତିକୁ କାମରେ ଲଗାଇ ସେ ଏଦେଶର ଧନ ଲୁଣ୍ଠନ କରି ନେଇ ଯାଉଛି । ଏହା ସାମ୍ରାଜ୍ୟବାଦୀ ଶୋଷଣ । ତେଣୁ ବହୁ ସମୟରେ ଦାବି ଉଠେ, ବିଦେଶୀ ପୁଞ୍ଜି ବିନିଯୋଗ କରିବାକୁ ଦିଆଯିବ ନାହିଁ । ଯଦି ବା ଦିଆଯାଏ, ତାହେଲେ

ସେହି ପୁଞ୍ଜିକୁ ରାଷ୍ଟ୍ରୀୟକରଣ କର, ବାଜ୍ୟାପ୍ତ କର। କାହିଁକି ? କାରଣ ଏହା ସାମ୍ରାଜ୍ୟବାଦୀ ପୁଞ୍ଜି। ତାହେଲେ ଭାରତୀୟ ଏକଚାଟିଆ ପୁଞ୍ଜିପତିମାନେ ଯେତେବେଳେ ପୁଞ୍ଜି ରପ୍ତାନି କରନ୍ତି ? ହଜାର ହଜାର କୋଟି ଟଙ୍କାରୁ ଅଧିକ ଭାରତବର୍ଷର ପୁଞ୍ଜି ଯେତେବେଳେ ବିଦେଶ ବଜାରରେ ଖଟେ ? ସେହି ପୁଞ୍ଜି ଗାନ୍ଧୀ ଆଶ୍ରମର କମ୍ବଳ ବିକ୍ରି କରେ ନା କଣ ? ଏହା କଣ କରେ ? ସେମାନେ ବିଦେଶରୁ ଯେଉଁ ଧନସମ୍ପଦ ଲୁଟି ନେଇ ଆସୁଛନ୍ତି ଏବଂ ଯେଉଁ ପୁଞ୍ଜି ତିଆରି କରୁଛନ୍ତି, ତା'ଦ୍ୱାରା କଣ ଏଦେଶର ବେକାରୀ, ଦୁର୍ଦ୍ଦଶା ହୁ ହୁ କରି କମି ଯାଉଛି ? ଶିଳ୍ପୋଦ୍ୟୋଗ ହେଉଛି ? ନା, ଏଦେଶର ପୁଞ୍ଜିପତିମାନଙ୍କର ପେଟ ଆହୁରି ଫୁଲୁଛି, ଯେମିତି ଅନ୍ୟ ଦେଶକୁ ଲୁଣ୍ଠନ କରି ବିଦେଶର ଧନକୁବେରମାନଙ୍କର ହେଉଛି ? ତାହେଲେ ଇଂଲଣ୍ଡର ସାମ୍ରାଜ୍ୟବାଦ ଖରାପ, କିନ୍ତୁ ଭାରତୀୟ ପରମ୍ପରାସମ୍ମତ ସାମ୍ରାଜ୍ୟବାଦ ଖୁବ ଭଲ- ଏହା କଣ ମ୍ୟାଜିକ ?

ଭାରତବର୍ଷ ଇତିମଧ୍ୟରେ ହିଁ ସାମ୍ରାଜ୍ୟବାଦୀ ହୋଇଛି। ହୋଇପାରେ ଆମେରିକା ଓ ୟୁରୋପର ସାମ୍ରାଜ୍ୟବାଦୀ ଦେଶମାନଙ୍କ ତୁଳନାରେ ଭାରତବର୍ଷ ଦୁର୍ବଳ, ମାତ୍ର ଏକଚାଟିଆ ପୁଞ୍ଜିବାଦ ଆସିବା ପରେ ବ୍ୟାଙ୍କ ପୁଞ୍ଜି ଓ ଶିଳ୍ପ ପୁଞ୍ଜିର ମିଳନ ମଧ୍ୟଦେଇ ଭାରତବର୍ଷ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରିଛି। ପୁଞ୍ଜିବାଦ ଆସିବା ସଙ୍ଗେ ସଙ୍ଗେ ହିଁ ବ୍ୟାଙ୍କ ପୁଞ୍ଜି ଆଉ ଶିଳ୍ପ ପୁଞ୍ଜିର ମିଳନ ହୋଇ ନାହିଁ, ହେବା ସମ୍ଭବ ହୋଇ ନାହିଁ। ପ୍ରଥମେ ଦୁଇଟି କ୍ଷେତ୍ରରେ ଦୁଇ ଜଣ ଅଲଗା ପୁଞ୍ଜିପତି ଗୋଷ୍ଠୀ ଥିଲେ। ଜଣେ ଅନ୍ୟ ଜଣଙ୍କ ସହିତ ପ୍ରତିଯୋଗିତା କରୁଥିଲେ, ବିରୋଧିତା ମଧ୍ୟ କରୁଥିଲେ। ମାତ୍ର ଏକଚାଟିଆ ପୁଞ୍ଜି ଜନ୍ମ ହେବା ପରେ ଭାରତବର୍ଷରେ ଏହି ବ୍ୟାଙ୍କ ପୁଞ୍ଜି ଓ ଶିଳ୍ପ ପୁଞ୍ଜିର ମିଳନ ଘଟିଛି। ଫଳରେ ସେହି ଏକା ଧନକୁବେର ଗୋଷ୍ଠୀ ବ୍ୟାଙ୍କ ପୁଞ୍ଜି ଓ ଶିଳ୍ପ ପୁଞ୍ଜିକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରୁଛି। ଆଉ ଏହି ନିୟନ୍ତ୍ରଣ କରିବା ମଧ୍ୟଦେଇ ସମଗ୍ର ଦେଶର ବଜାର, କୃଷି, ଶିଳ୍ପଜାତ ଦ୍ରବ୍ୟ ସମେତ ଜାତୀୟ ଜୀବନର ସମସ୍ତ କ୍ଷେତ୍ରକୁ ଏହି ମୁଷ୍ଟିମେୟ ଧନକୁବେର ଗୋଷ୍ଠୀ ପ୍ରଭାବିତ କରୁଛି- ଯାହାକୁ ଆମେ ଇଂରାଜୀରେ କହୁ 'ଫିନାନ୍‌ସିଆଲ ଅଲିଗାର୍କି' ଏବଂ ସେ ପୁଞ୍ଜି ରପ୍ତାନି କରୁଛି। ତାହେଲେ ଭାରତବର୍ଷ ତ କେବଳ ପୁଞ୍ଜିବାଦୀ ଦେଶ ନୁହେଁ, ଇତିମଧ୍ୟରେ ସେ ସାମ୍ରାଜ୍ୟବାଦୀ ଚରିତ୍ର ମଧ୍ୟ ଅର୍ଜନ କରିଛି। ଭାରତୀୟ ପୁଞ୍ଜିବାଦକୁ ସଂହତ କରିବା ପାଇଁ, ବିଦେଶର ପୁଞ୍ଜି ସହିତ ତା'ର ବୁଝାମଣା ହୋଇଛି, ତାହା ଜନଗଣଙ୍କର ଉନ୍ନତି କରିବା ପାଇଁ ହୋଇ ନାହିଁ। ତେଣୁ ଏପ୍ରସଙ୍ଗରେ ଗୋଟିଏ କଥା ମନେରଖିବାକୁ ହେବ। ଦେଶର ସ୍ୱାର୍ଥ, ଦେଶର ଐକ୍ୟ, ଜାତିର କଲ୍ୟାଣ, ଶ୍ରେଣୀ ବିଭକ୍ତ ସମାଜରେ ଏହି କଥାଗୁଡ଼ିକୁ ଉପରଠାଉରିଆ ଭାବେ କହିଲେ ହେବ ନାହିଁ।

ମୁଁ ଚାହିଁଛି ବୋଲି ବା ଆପଣ ଚାହୁଁଛନ୍ତି ବୋଲି ଶ୍ରେଣୀ ବିଭକ୍ତ ସମାଜ ଆସି ନାହିଁ, ଆପଣଙ୍କୁ ଭଲ ଲାଗୁ ବା ମନ୍ଦ ଲାଗୁ, ଇତିହାସର ଅମୋଘ ନିୟମରେ ସମାଜ ଶ୍ରେଣୀ ବିଭକ୍ତ ହୋଇଛି ।

ତେଣୁ ଶ୍ରେଣୀ ବିଭକ୍ତ ସମାଜରେ ମାଲିକ ଶ୍ରେଣୀର ସ୍ୱାର୍ଥ ବା ଶୋଷକର ସ୍ୱାର୍ଥ ଆଉ ଶୋଷିତର ସ୍ୱାର୍ଥ ଏକ ଓ ଅଭିନ୍ନ ନୁହେଁ । ମାଲିକର ସ୍ୱାର୍ଥ ଶ୍ରମିକର ସ୍ୱାର୍ଥ ନୁହେଁ, ଶ୍ରମିକର ସ୍ୱାର୍ଥ ମାଲିକର ସ୍ୱାର୍ଥ ନୁହେଁ । ମାଲିକ ଶ୍ରେଣୀ, ପୁଞ୍ଜିପତିମାନଙ୍କର ସ୍ୱାର୍ଥ ହେଉଛି ଏହି ବ୍ୟବସ୍ଥା ଏବଂ ରାଷ୍ଟ୍ରକୁ ରକ୍ଷା କରିବା । କାରଣ, ଏଥିରୁ ସେମାନେ ସର୍ବୋଚ୍ଚ ଲାଭ ପାଉଛନ୍ତି । ଶୋଷିତ ଶ୍ରେଣୀ, ଚାଷୀ-ଶ୍ରମିକ, ବେକାର ଯୁବକମାନଙ୍କର ସ୍ୱାର୍ଥ ହେଉଛି ଏହି ବ୍ୟବସ୍ଥାର ଆମୂଳଚୁଳ ପରିବର୍ତ୍ତନ ଅର୍ଥାତ୍ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥା ଏବଂ ପୁଞ୍ଜିବାଦକୁ ଧ୍ୱଂସ କରିବା । କାରଣ ଏହି ବ୍ୟବସ୍ଥା ସେମାନଙ୍କ ଜୀବନରେ ଶୋଷଣ-ବେକାରୀ-ଦାରିଦ୍ର୍ୟ ଓ ବଞ୍ଚନା ଆଣିଛି । ସେଥିପାଇଁ ହିଁ ଶୋଷିତ ଶ୍ରେଣୀର ସ୍ୱାର୍ଥବୋଧ ସମ୍ପୂର୍ଣ୍ଣ ଭିନ୍ନ । ଦେଶର ଅଧିକାଂଶ ଲୋକମାନଙ୍କୁ ନେଇ ଯଦି ଦେଶ ହୁଏ, ଖାଲି ମାଟି ଆଉ କିଛି ପଥରକୁ ନେଇ ଯଦି ଦେଶ ନହୁଏ, ତା'ହେଲେ 'ଦେଶର ସ୍ୱାର୍ଥ' କହିଲେ ଶତକଡା ୯୫ ଭାଗ ଲୋକଙ୍କର ସ୍ୱାର୍ଥ କଥା ସେମାନେ କହୁଛନ୍ତି କି ? ନା, ଶତକଡା ୫ ଭାଗ ଲୋକଙ୍କର ସ୍ୱାର୍ଥର କଥା ସେମାନେ କହୁଛନ୍ତି ? ସେମାନେ ଯେତେବେଳେ ହିଁ ଦେଶର ସ୍ୱାର୍ଥ କଥା କହିବେ, ସେତେବେଳେ ହିଁ ସେହି ଶୟତାନ ମାନଙ୍କୁ ପଚାରିବାକୁ ହେବ, ଶ୍ରେଣୀ ବିଭକ୍ତ ସମାଜରେ ଗୋଟିଏ ଦିଗରେ ଶୋଷକ ଆଉ ଅନ୍ୟ ଦିଗରେ ଶୋଷିତ- ସେମାନେ କ'ଣ ସେହି ଶାସକ ୫ ଭାଗ ମଣିଷର ସ୍ୱାର୍ଥବୋଧର କଥା କହୁଛନ୍ତି, ନା ଶ୍ରମିକ, ଚାଷୀ, ନିମ୍ନ ମଧ୍ୟବିତ୍ତ, ବେକାର ଯୁବକ, ଶୋଷିତ ଶ୍ରେଣୀର ସ୍ୱାର୍ଥରେ ଦେଶର ସ୍ୱାର୍ଥବୋଧର କଥା କହୁଛନ୍ତି ? ଦୁଇ ଜଣଙ୍କର କଣ ଗୋଟିଏ ସ୍ୱାର୍ଥବୋଧ କେବେ ବି ହୋଇପାରେ ? ଅଭିନ୍ନ ସ୍ୱାର୍ଥବୋଧର କଥା ଜଣେ ଗଣ୍ଡ ମୁର୍ଖ ନଚେତ୍ ଜଣେ କଟ୍ଟର ଶୟତାନ କହିପାରେ । ସେମାନଙ୍କର ଯାହା ପସନ୍ଦ, ତାହା ସେମାନେ ବାଛି ନେଇ ପାରନ୍ତି, କୌଣସି ଆପତ୍ତି ନାହିଁ । ମୁଁ ଟିକେ ଧଇଁ ସଇଁ ହୋଇ ପଡୁଛି । ବୋଧ ହୁଏ ଆଉ ବେଶୀ ସମୟ କହି ପାରିବି ନାହିଁ । ଆପଣମାନେ ଧୈର୍ଯ୍ୟ ସହକାରେ ଦୀର୍ଘ ସମୟ ଶୁଣିଛନ୍ତି ।

ମୁଁ ଆପଣମାନଙ୍କୁ କହିବାକୁ ଚାହେଁ, ଛାତ୍ରମାନେ, ଯୁବକମାନେ ହେଉଛନ୍ତି ଦେଶର ଏକ ବିରାଟ ଅଂଶ ଏବଂ ଜୀବନର ଏହି ସମୟଟା ହେଲା ଶିଖିବାର ସମୟ, ଜାଣିବାର ସମୟ । ଏହି ସମୟରେ ସେମାନେ କିଛି ମାତ୍ରାରେ ଚାପମୁକ୍ତ ଅବସ୍ଥାରେ ଥାନ୍ତି, ସମାଜର ଅସହନୀୟ ଅବସ୍ଥାର କଥା ଭାବି ପାରନ୍ତି । ଅନ୍ୟ ସମୟରେ ଏହି ଅବସର ପାଆନ୍ତି ନାହିଁ । ଏମିତି ହିଁ ମଣିଷର ଜୀବନ ସଂକ୍ଷିପ୍ତ । ଅଳ୍ପ ସମୟ ପାଇଁ

ଆମେ ବଞ୍ଚି ଥାଉ । ବେଶୀ ଦିନ ନୁହେଁ । କିଛିଟା ସମୟ ସେହି ଶୈଶବରେ ହିଁ କଟିଯାଏ, କୈଶୋରରେ କଟିଯାଏ । ତାପରେ ଯୌବନରେ କର୍ମଠ ଅବସ୍ଥା କେତେ ଦିନ ଥାଏ ? ତା'ପରେ ବୃଦ୍ଧ ହୋଇ ଆମେ ଅକର୍ମଣ୍ୟ ହୋଇଯାଉ । ମଣିଷ ଜୀବନର ଏହି ଅମୂଲ୍ୟ ସମୟ ଅବହେଳାରେ ଯେମିତି ସେମିତିଭାବରେ ନଷ୍ଟ କରିବାର ସମୟ ନୁହେଁ । ଜୀବନର ସେହି ମୂଲ୍ୟକୁ ଉପଲବ୍ଧି କରିବା ଦରକାର । ଛାତ୍ର ଅବସ୍ଥାରେ ଦେଶ ଆପଣମାନଙ୍କ ନିକଟରୁ କଣ ଚାହେଁ, ତାହା ଉପଲବ୍ଧି କରିବା ଦରକାର । ସମଗ୍ର ଦେଶର ଜନଗଣଙ୍କୁ ଜାଗ୍ରତ କରିବା ପାଇଁ ସବୁ ସମୟରେ ପ୍ରଥମେ କିଛି ଏକନିଷ୍ଠ କର୍ମୀ ଆବଶ୍ୟକ । ସେମାନେ ଯୁବକ ଏବଂ ବିଶେଷକରି ସେମାନେ ଛାତ୍ରମାନଙ୍କ ମଧ୍ୟରୁ ଆସି ଥାନ୍ତି । ସମସ୍ତ ଦେଶର ପ୍ରଗତିର ଇତିହାସରେ, ସମସ୍ତ ଦେଶର ବିପ୍ଳବର ଇତିହାସରେ ଏହା ବାରମ୍ବାର ଘଟିଛି । ତେଣୁ ଛାତ୍ରମାନେ ବିମୁଖ ହୋଇ ରହିଲେ, ଅଧଃପତିତ ସଂସ୍କୃତିର ଶିକାର ହୋଇଗଲେ, ପୁଞ୍ଜିବାଦୀ ରାଜନୀତିର ଖପ୍ପରରେ ପଡି ସେମାନଙ୍କର ଦଲାଲି କଲେ ସେ ଜାତିର ମୁକ୍ତି ନାହିଁ । ଦୁଇ ଦିନ ପରେ ସେମାନେ ସଂସାରୀ ହେବେ, ସେମାନଙ୍କର ମୁଣ୍ଡ ଉପରେ ବୋଝର ଚାପ ପଡିବ, ସେମାନଙ୍କ ଘରେ ବେକାର ସମସ୍ୟା ପ୍ରବେଶ କରିବ । ସେମାନେ ବଡ଼ ମଣିଷ ହେବାର ସୁଖର ସ୍ୱପ୍ନ ଦେଖନ୍ତି, କିନ୍ତୁ ଘର ଭିତରେ ନୈତିକ ଅଧଃପତନ ପ୍ରବେଶ କରି ସେମାନଙ୍କ ପରିବାରକୁ ତଛନଛ କରିଦେବ । ଭଲ ପାଇ ବିବାହ କରିବେ, ଭଲ ପାଇବା ପାଇବେ ନାହିଁ । ପରିଶ୍ରମ କରି, ସର୍ବସ୍ୱ ତ୍ୟାଗ କରି ଯେଉଁମାନଙ୍କୁ ମଣିଷ କରିବା ପାଇଁ ଚେଷ୍ଟା କରିବେ, ସେମାନେ ସମସ୍ତେ ଫିଲ୍ମଷ୍ଟାରମାନଙ୍କର ଚେଲା ହୋଇଯିବେ । ସେମାନେ କଣ ହେବେ, ନହେବେ, କିଛି ଠିକ୍ ନାହିଁ । ଏହି ଭବିଷ୍ୟତକୁ ଯଦି ବଦଳାଇବାକୁ ଚାହାନ୍ତି, ଯଥାର୍ଥ ମଣିଷ ଭଳି ଯଦି ପ୍ରକୃତରେ ବଞ୍ଚିବାକୁ ଚାହାନ୍ତି, ସମସ୍ତଙ୍କୁ ବଞ୍ଚାଇବାକୁ ଚାହାନ୍ତି, ତାହେଲେ ଆପଣମାନଙ୍କୁ, ବିଶେଷକରି ଛାତ୍ର-ଯୁବକମାନଙ୍କୁ ଆଗେଇ ଆସି ଭାରତବର୍ଷର ପୁଞ୍ଜିବାଦ ବିରୋଧୀ ବିପ୍ଳବର ଝଣ୍ଡାକୁ ଉର୍ଦ୍ଧ୍ୱୋତୋଳିତ କରି ଧରିବାକୁ ହେବ । ଏତିକି କହି ମୁଁ ଆଜି ମୋର ବକ୍ତବ୍ୟ ଶେଷ କଲି ।

★ ★ ★